62-1
20/1/93

ଉତ୍କଳ ପ୍ରସଙ୍ଗ

51

June-1967

* ସରକାରଙ୍କ ୨୨ ଦଫା ସମ୍ବଳିତ ସାଧାରଣ କାର୍ଯ୍ୟକ୍ରମ
* ଓଡ଼ିଶାର ଶିଳ୍ପ ସମ୍ଭାବନା
* ଓଡ଼ିଶାର ଖଣିଜ ସମ୍ପଦ
* ଓଡ଼ିଶାର ହସ୍ତଶିଳ୍ପ ପାଇଁ କାଶ୍ମୀର ପୁରସ୍କାର
* ଖାଦ୍ୟ ପରିସ୍ଥିତି
* ଆମ ବକ୍ତବ୍ୟ

ଜୁନ୍ ୧୯୬୭
ଜ୍ୟେଷ୍ଠ ୧୮୮୯

ଭାରତୀୟ ବିମାନ ବାହିନୀର ଐତିହାସିକ ଅଗ୍ରଗତି



ଚିତ୍ର—ସୁପରସୋନିକ୍ ମିଗ୍-୨୧ ବିମାନ

ଏଠାରେ ଦୁଇଜଣ ସର୍ବୋଚ୍ଚ ସ୍ତରରେ ମଇତ ଜାତିସଂଘର ସେକ୍ରେଟେରୀ ଜେନେରାଲ ଶ୍ରୀ ଉ. ଥାଣ୍ଟ ଏବଂ ଆମ ସାମ୍ପିଠାରେ ବୌଦ୍ଧମାନ୍ଦିର ପରିଦର୍ଶନ କରୁଛନ୍ତି । ବୌଦ୍ଧଚତ୍ତାର ଠାରେ ପ୍ରାର୍ଥନା କରି ସେ ବୌଦ୍ଧ ଗାନ୍ଧିସ୍ତମ୍ଭ ପୁରୁଷର ଅନୁଶଳା କରିଥିଲେ ।

ଚିତ୍ର—ସାମ୍ପିସ୍ତୁପର ସମ୍ମୁଖ ଭାଗରେ ସେ ଦଣ୍ଡାୟମାନ ହୋଇ ସ୍ତୁପର କଳା ଚମତ୍କାରିତା ଲକ୍ଷ୍ୟ କରୁଛନ୍ତି ।

ାଣ ଘ୍ରାଗ | ଜ୍ୟେଷ୍ଠ-୧୮୮୯ | ଜୁନ୍-୧୯୭୭ | ୧୧ଶ ସଂଖ୍ୟା

ଡିଶାର ନୂତନ ସରକାର ନୀତି ସ୍ୱରୂପ ଗ୍ରହଣ କରିଥିବା
୨୨ ଦଫା ସମ୍ବଳିତ ସାଧାରଣ କାର୍ଯ୍ୟକ୍ରମ

୧। ଏକ ନର୍ମଳ ଓ ସୁଦକ୍ଷ ସରକାର ପ୍ରତିଷ୍ଠା ପିବ।

୨। ସବୁ ସ୍ତରରେ ଦୁର୍ନୀତି, ସ୍ୱଜନପୋଷଣକୁ ଦସ୍ତରେ ଦମନ କରାଯିବ ଏବଂ ମନ୍ତ୍ରୀମାନଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗର ତଦନ୍ତ ନିମନ୍ତେ କମିସନ ବସାଯିବ।

୩। ଦୁର୍ନୀତି ନିବାରଣ ପାଇଁ 'ଅମ୍ବୁଡ୍ସମ୍ୟାନ୍' ପରି ସଂସ୍ଥା ଗଠନ।

୪। ଶାସନ କ୍ଷେତ୍ରରେ ଦକ୍ଷତା, ସଚ୍ଚୋଟ ପଣିଆ ସଂବଦ୍ଧରେ ଅଭିବୃଦ୍ଧି ସଙ୍ଗେ ସଙ୍ଗେ ପ୍ରସାଶନିକ ଥିଲତା ଦୂର କରାଯିବ।

୫। ଆଇନର ଶାସନ ପ୍ରତିଷ୍ଠା କରାଯିବ।

୬। ଜନ ସେବା ପାଇଁ ପୋଲିସର ଦୃଷ୍ଟି ଭଙ୍ଗିରେ ପରିବର୍ତ୍ତନ ଆଣି ସେମାନଙ୍କର ଦକ୍ଷତା ଓ ଶୃଙ୍ଖଳା-ଜ୍ଞାନର ଅଭିବୃଦ୍ଧି କରାଯିବ।

୭। ଶାସନକୁ ରାଜନୈତିକ ଗୃପରୁ ମୁକ୍ତ କରି କର୍ମଚାରୀମାନଙ୍କୁ ନିରପେକ୍ଷ ଓ ନ୍ୟାସ୍ୟ ବ୍ୟବହାର ଦିଆଯିବ।

୮। ସମସ୍ତଙ୍କୁ ସମାନ ନ୍ୟାସ୍ୟ ଓ ଯୁକ୍ତ ସଙ୍ଗତ ବ୍ୟବହାର ପ୍ରଦର୍ଶନ କରାଯିବ।

୯। ସରକାରୀ କ୍ଷେତ୍ରରେ ସମସ୍ତ ଅପବ୍ୟୟକୁ ଦୃଢ ହସ୍ତରେ ବନ୍ଦ କରି ବ୍ୟୟ ସଙ୍କୋଚ କରାଯିବ।

୧୦ । ଅନାବଶ୍ୟକ ନିଯୁକ୍ତି, ପରମିଟ୍ ଓ ଲାଇସେନ୍ସ, କୋଟା ବ୍ୟବସ୍ଥା ଉଠାଇ ଦିଆଯିବ ଓ ଯେଉଁ କ୍ଷେତ୍ରରେ ନିଯୁକ୍ତି ବା ପରମିଟ୍ ଲାଇସେନ୍ସ ପ୍ରଭୃତି ବରକାର ହେବ, ତାହାର ପରିଚାଳନା ବ୍ୟବସ୍ଥା ଗୋଟିଏ ଅଣ ରାଜନୈତିକ ସ୍ୱାଧୀନ ଓ ଆଇନ ସଙ୍ଗତ ସଂସ୍ଥା ଦ୍ୱାରରେ ଦିଆଯିବ ।

୧୧ । ଜମି ଉପରୁ ଖଜଣା ଛାଡ କରାଯିବ ଏବଂ ଝିଅସ ଘର କମାଇ ଦିଆଯିବ । ସରକାର ଘାଉଣା ଆଦାୟରେ କୌଣସି ପ୍ରକାର ହସ୍ତକ୍ଷେପ କରାଯିବ ନାହିଁ ।

୧୨ । ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡିକୁ ସଂପ୍ରସାରିତ କରି ପୁଞ୍ଜୀଭୂତ କରାଯିବ ।

୧୩ । ଶିଳ୍ପ ବ୍ୟବସାୟ କ୍ଷେତ୍ରରେ ଅଯଥା କଟକଣା ଉଠାଇ ଦିଆଯାଇ ଏହାର ସଂପ୍ରସାରଣ ପାଇଁ ଅବାଧ ସୁବିଧା ଦିଆଯିବ ଏବଂ ଲୋକଙ୍କ ଅଧିକ କାମ ଯୋଗାଇବାର ସୁଯୋଗ ସୃଷ୍ଟି କରାଯିବ ।

୧୪ । ଶାସନର ପ୍ରତ୍ୟେକ କ୍ଷେତ୍ରରେ ଓଡିଆକୁ ସରକାରୀ ଭାଷାରୂପେ ପ୍ରବର୍ତ୍ତନ କରାଯିବ ।

୧୫ । ଆଦିବାସୀ, ହରିଜନ ଓ ଅନ୍ୟାନ୍ୟ ଅନୁନ୍ନତ ଶ୍ରେଣୀର ଲୋକଙ୍କ ଉନ୍ନତି ପାଇଁ ଏବଂ ରାଜ୍ୟର ଅନୁନ୍ନତ ଅଞ୍ଚଳ ଗୁଡିକର ବିକାଶ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ।

୧୬ । ପଞ୍ଚାୟତ ଝିଅସ ଉଠାଇ ଦିଆଯିବ । ପଞ୍ଚାୟତମାନଙ୍କ ହାତରେ ଅଣଝିଅସ ଆୟର ସୁବିଧା ଦିଆଯିବ । ପଞ୍ଚାୟତମାନେ ପ୍ରକୃତରେ ସନ୍ନିଧାନ ସମ୍ମତ ଶାସନ ବିକେନ୍ଦ୍ରୀକରଣର ରୂପେ କାର୍ଯ୍ୟ କରିବେ ସେହି ଅନୁସାରେ ଗଢାଯିବ ।

୧୭ । ପଞ୍ଚାୟତ ସମିତିମାନଙ୍କ ନିୟନ୍ତ୍ରଣ ପ୍ରାଥମିକ ଶିକ୍ଷା ପରିଚାଳନା ବ୍ୟବସ୍ଥାକୁ ଦିଆଯିବ ।

୧୮ । ଅନୁନ୍ନତ ଅଞ୍ଚଳ ଗୁଡିକ ପ୍ରତି ବିଶେଷ ଦେଇ ସମଗ୍ର ରାଜ୍ୟରେ ସାଧାରଣ ଶିକ୍ଷା ଓ ବୈ ଶିକ୍ଷାର ସଂପ୍ରସାରଣ କରାଯିବ ।

୧୯ । କୃଷିର ଉନ୍ନତି, ଲୋକଙ୍କର ଆବଶ୍ୟକତା ପୂରଣ ପାଇଁ ବ୍ୟବସ୍ଥା ଏବଂ ଅର୍ଥନୈତିକ ବିକାଶ ବ୍ୟବସ୍ଥା ଉପରେ ଦେଇ ବାସ୍ତବ ଭିତ୍ତି ଉପରେ ବିକାଶ ଯୋ ଆମୂଳ ପରିବର୍ତ୍ତନ କରାଯିବ ।

୨୦ । କେନ୍ଦ୍ର ପତ୍ର ଚାରିବାର ଦେଖିରେ ଏକଘଟିଆ ବ୍ୟବସ୍ଥାର ପରିବର୍ତ୍ତନ କରାଯିବ ।

୨୧ । ୧୯୬୬ ମସିହା ଓଡିଶା ଦୁର୍ଭିକ୍ଷ ସମ୍ପର୍କ ଅନୁସନ୍ଧାନ କରି ତାହାର ଏକ ରିପୋର୍ଟ କରିବା ପାଇଁ ଗୋଟିଏ କମିଶନ ନିଯୁକ୍ତ କରିବି

୨୨ । ରାଜ୍ୟରେ ଥିବା ସରକାରଙ୍କ ସମବାୟ ସଂସ୍ଥା ଏବଂ ପଞ୍ଚାୟତ ଶିଳ୍ প କାର୍ଯ୍ୟକାରିତା ସମ୍ପର୍କରେ ଅନୁଧ୍ୟାନ କରାଯିବ ।



ଇଣ୍ଡିଆନ୍ ମାନଙ୍କ ଅନୁଷ୍ଠାନର ଓଡ଼ିଶା ଶାଖା ୫ମ ମାସ ୭ ତାରିଖ ଦିନ ଭୁବନେଶ୍ୱରଠାରେ ବାର୍ଷିକ ଉତ୍ସବ ପାଳନ କରିଥିଲେ ।

ଚିତ୍ର—ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆର୍. ଏନ୍. ସିଂହ ଦେଓ ଉଦ୍‌ଘାଟନ ଅଭିଭାଷଣ ଦେଉଛନ୍ତି ।



ଭୁବନେଶ୍ୱରର ୧ମ ଇଭନିଙ୍ଗ୍‌ରେ ଥିବା ଉଚ୍ଚ ବିଦ୍ୟାଳୟଠାରେ ଏକ ଗ୍ରୀଷ୍ମ ଶିବର ପ୍ରଭାତର ପର୍ଦ୍ଦା ଦ୍ୱାରା ଅନାବୃତ ହୋଇଥିଲା । ସାଂସ୍ଦ ଓ ବାଣିଜ୍ୟ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ଏହି ଶିବର ଉଦ୍‌ଘାଟନ କରିଥିଲେ ।

ଚିତ୍ର—ଶ୍ରୀ ମହାପାତ୍ର ଗ୍ରୀଷ୍ମ ଶିବିରର ସଭ୍ୟବୃନ୍ଦଙ୍କୁ ଉଦ୍‌ବୋଧନ ଦେଉଛନ୍ତି ।

କୋରାପୁଟ ଜିଲ୍ଲାର ପ୍ରଭୁଜେହଟାରେ ମେ' ସାଣ୍ଡ ଦା ଙ୍ଗ ଉଦ୍ଯୋଗର ଦ୍ୱିତୀୟ ମେଡାଲ ଓ ସେରେ ଆଲମ୍ବେ ଲମିଟେଡ୍‌ଙ୍କ ଦ୍ୱାରା ସ୍ଥାପିତ ସେଓ୍ୱ-ସିଜକନ୍ କାରଖାନା ଉଦ୍‌ଘାଟନ କରୁଥିଲେ ।
ଚିତ୍ର—ଶ୍ରୀ ମୋଗର୍‌ଜ ଦେଶାଇ ସୁଦ୍ଧା ଏଠି କାରଖାନା ଉଦ୍‌ଘାଟନ କରୁଛନ୍ତି ।

ସ୍ୱିଚ୍‌ଗନ୍ଧର ରଜାଇ ପ୍ରାଙ୍ଗଣ ଠାରେ ଉକ୍ତ କାରଖାନାର ଉଦ୍ଘାଟନୀ ଉତ୍ସବ ମେ' ମାସ ତା ୨୧ ତାରିଖ ଦିନ ଅନୁଷ୍ଠିତ ହୋଇଥିଲା ।
ଲକ୍ଷ୍ୟ କରନ୍ତୁ ସାହିତ୍ୟିକ ତଥା ପରଲୋକପ୍ରାପ୍ତ ଅଧ୍ୟାପକ ଏ. ଏସ୍. ଶ୍ରୀ ପି. ଏନ୍. ମହାନ୍ତି ସଭାପତିତ୍ୱ କରୁଥିଲେ ।
ଚିତ୍ର—ଉତ୍କଳର ଗଡ଼ଖାନଡ଼ ମହାନ୍ତି ବକ୍ତୃତା ଦେଉଛନ୍ତି ।

ଓଡ଼ିଶାର ଶିଳ୍ପ ସମ୍ଭାବନା

ଓଡ଼ିଶାରେ ଯେଉଁ ଉଚ୍ଚ ଶ୍ରେଣୀର ସମ୍ପଦ, ବିଦ୍ୟୁତ, ଶକ୍ତି, ଜଳ ତଥା ବନ୍ଦରର ସୁବିଧା ଆଦି ରହିଛି, ଭାରତର ଅନ୍ୟ କୌଣସି ରାଜ୍ୟରେ ସେଭଳି ସୁବିଧା ନାହିଁ । ଯେଉଁମାନେ ଓଡ଼ିଶାକୁ ଏକ ଅନୁନ୍ନତ ରାଜ୍ୟରୂପେ ଜାଣନ୍ତି, ସେମାନେ ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତ ସମ୍ପର୍କରେ ମଧ୍ୟ ସଚେତନ ଅଛନ୍ତି । ୧୯୫୧-୫୨ ମସିହା ବେଳକୁ ଓଡ଼ିଶାରେ ସେଭଳି କିଛି ଉଲ୍ଲେଖଯୋଗ୍ୟ ଶିଳ୍ପ ନଥିଲା । ସେତେବେଳେ ଶିଳ୍ପ କ୍ଷେତ୍ରରେ ଅଣ କାରଖାନା ତଥା କୁଟୀର ଶିଳ୍ପ ଜରିଆରେ ଉତ୍ପାଦିତ ସାମଗ୍ରୀକି ପ୍ରାଧାନ୍ୟ ଲାଭ କରିଥିଲା । କିନ୍ତୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପଞ୍ଚବାର୍ଷିକ ଯୋଜନାକାଳରେ ରାଜ୍ୟର ଶିଳ୍ প୍ରକ୍ଷେତ୍ରରେ କ୍ରମଶଃ ପରିବର୍ତ୍ତନ ଘଟିଲା । ରାଉରକେଲ୍ଲାରେ ଗୋଟିଏ ଇସ୍ପାତ କାରଖାନା, ରାଜଗାଙ୍ଗପୁରଠାରେ ଗୋଟିଏ ସିମେଣ୍ଟ କାରଖାନା, ଝାରସୁଦା ଆଲମ୍ୟୁନିୟମ କାରଖାନା, ବ୍ରଜରାଜନଗର, ରାଉରକେଲ୍ଲା ଓ ଝାରସୁଗଡ଼ାଠାରେ କାଗଜକଳ, ବଣ୍ଡଳଠାରେ କଞ୍ଚାଲୁହା କାରଖାନା, ଜୋଡ଼ା ଓ ଝାରସୁଗଡ଼ାଠାରେ ଫେରୋ-ମାଙ୍ଗାନିଜ କାରଖାନା, ବାଲିଙ୍ଗଲଠାରେ ଫେରୋ-ସିଲିକନ କାରଖାନା, ରାଉରକେଲ୍ଲା ଓ କାଂସବାଦାଲଠାରେ ଇଞ୍ଜିନିୟରିଂ ଶିଳ୍ପ, ବାରଙ୍ଗ, କାଂସବାଦାଲ, ରାଜଗାଙ୍ଗପୁର, ଲତିକଟା ପ୍ରଭୃତି ଠାରେ ମୃତ୍ତିକା, କାଚ ତଥା ଔଦ୍ରାଜଙ୍ଗ ଶିଳ୍ପ କାରଖାନା, ରାଉରକେଲ୍ଲା ଓ ଝାରସୁଗୁଡ଼ାଠାରେ ଲୁଗାକଳ, ଝାରସୁଗୁଡ଼ାଠାରେ ସୂତାକଳ, ଆସ୍କାଠାରେ ଚିନି କାରଖାନା ନିର୍ମିତ ହେବା ସଙ୍ଗେ ସଙ୍ଗେ ଏସବୁ ଓଡ଼ିଶାରେ ଗଢ଼ି ଉଠୁଥିବା ବହୁମୁଖୀ ଶିଳ୍ପ କାରଖାନାର ସୂଚନା ଦେଉଛନ୍ତି । ବହୁ ସଂଖ୍ୟକ ନୂଆ ନୂଆ ଶିଳ୍ପ କାରଖାନାର ନିର୍ମାଣ କାର୍ଯ୍ୟ ବିଭିନ୍ନ ପର୍ଯ୍ୟାୟରେ ପହଞ୍ଚିଛି । ସେଥି ମଧ୍ୟରୁ ଅନେକଗୁଡ଼ିଏ ନିକଟରେ କାର୍ଯ୍ୟକାରୀ ହେବ ବୋଲି ଆଗାମୀ ବର୍ଷେ, ଦୁଇ ବର୍ଷ ମଧ୍ୟରେ କାର୍ଯ୍ୟକାରୀ ହେବ । ଏଥି ମଧ୍ୟରେ ଗଞ୍ଜାମଠାରେ ନିର୍ମିତ ହେଉଥିବା କାଷ୍ଟିକ ସୋଡ଼ା କାରଖାନା, ବରଗଡ଼ସ୍ଥ ସିମେଣ୍ଟ କାରଖାନା, ସୁନାବେଡ଼ାସ୍ଥିତ ମିଗ୍ ବିମାନ କାରଖାନା, ହୀରାକୁଦସ୍ଥ କେବଲ କାରଖାନା, ସୁମାଣ୍ଡିସ୍ଥିତ ଇସ୍ପାତକୋଷ୍ଟ୍ର ଲୁଣ ଓ ରାସାୟନିକ ଦ୍ରବ୍ୟ କାରଖାନା, ପାଳପୁରସ୍ଥିତ ଫେରୋ-କ୍ରୋମ କାରଖାନା, ବରଗଡ଼ସ୍ଥିତ ସୁତାକଳ ବିଶେଷ ଉଲ୍ଲେଖଯୋଗ୍ୟ । ପରିସଂଖ୍ୟାନବିତ୍‌ମାନେ ଓଡ଼ିଶାର ଶିଳ୍ପ ପ୍ରସାର ବିଶେଷ ପ୍ରଶଂସନୀୟ ବୋଲି ମତ ପ୍ରକାଶ କରିଛନ୍ତି । ପ୍ରଥମ ପଞ୍ଚବାର୍ଷିକ ଯୋଜନାକାଳରେ ଶିଳ୍ପ କାରଖାନାରୁ ଉତ୍ପାଦିତ ସାମଗ୍ରୀର ନିଟ୍ ମୂଲ୍ୟ ଶତକଡ଼ା ୫୮ ଭାଗ ବୃଦ୍ଧି ପାଇଥିଲା ଏବଂ ୧୯୫୬-୫୭ ମସିହାରୁ ୧୯୬୦-୬୧ ମସିହା ସୁଦ୍ଧା ଏହା ଶତକଡ଼ା ୩୬୫ ଭାଗକୁ ବୃଦ୍ଧି ପାଇଥିଲା । କିନ୍ତୁ ଆମକୁ ସ୍ମରଣ ରଖିବାକୁ ହେବ ଯେ ୧୯୫୧-୫୨ ମସିହା ବେଳକୁ ଆମର ଶିଳ୍ପର ମୂଳଭିତ୍ତି ସୁଦୃଢ଼ ନ ଥିଲା । ଏ ଦିଗରେ ଆମକୁ ଆହୁରି ଅଗ୍ରସର ହେବାକୁ ପଡ଼ିବ । କାରଣ ସମଗ୍ର ଦେଶରେ ଶିଳ୍ପକାରଖାନା-ମାନଙ୍କରେ ଯେତେ ସାମଗ୍ରୀ ଉତ୍ପାଦିତ ହୁଏ, ସେ ଦୃଷ୍ଟିରୁ ବିଚାର କଲେ ୧୯୫୦-୫୧ ମସିହା ବେଳକୁ ଓଡ଼ିଶାରେ ତାହାର ଶତକଡ଼ା ୦.୨୭ ଭାଗ ଉତ୍ପାଦିତ ହେଉଥିଲା ୧୯୬୦-୬୧ ମସିହା ସୁଦ୍ଧା ଏହାର ପରିମାଣ ପ୍ରାୟ ଶତକଡ଼ା ୨ ଭାଗକୁ ବୃଦ୍ଧି ପାଇଛି । କିନ୍ତୁ ବିଗତ ୨୫ ବର୍ଷ ମଧ୍ୟରେ ଯେଉଁ ଅଗ୍ରଗତି ହାସଲ କରିଯାଇପାରିଛୁ ଏବଂ ତା ସଙ୍ଗେ ସଙ୍ଗେ ଶିଳ୍ପ ବିକାଶ ନିମନ୍ତେ ରାଜ୍ୟରେ ଯେଉଁ ବିପୁଳ ସମ୍ଭାବନା ରହିଛି । ସେ ସବୁ ବିଚାର କଲେ ଚତୁର୍ଥ

ପଞ୍ଚବାର୍ଷିକ ଯୋଜନା ତଥା ଆଗାମୀ ଯୋଜନା କାଳରେ ବଗତ ବର୍ଷ ତୁଳନାରେ ଅଧିକ ହାରରେ ଅଗ୍ରଗତି ଘଟାଇବା ସମ୍ଭବ ହୋଇ ପାରିବ ।

ଶିଳ୍ପ ପ୍ରସାରର ମୂଳଭିତ୍ତି

ଗୋଟିଏ ସୁଦୃଢ଼ ମୂଳଭିତ୍ତି ବିନା କୌଣସି ଧରଣରେ ଶିଳ୍ପ ପ୍ରସାର କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବାରେ ସଫଳତା ହାସଲ କରିପାରି ନାହିଁ । ବିଶେଷକରି ସଡ଼କ ଓ ରେଳପଥର ବିକାଶ ତଥା ବିଦ୍ୟୁତ ଉତ୍ପାଦନ ଓ ବଣ୍ଟନ ସୁବିଧାର ଅଭାବରେ ଏହି ମୂଳଭିତ୍ତି ଅଞ୍ଚଳରେ ଦୁର୍ବଳ ଅବସ୍ଥାରେ ରହିଥିବାପାଇଁ ଓଡ଼ିଶାର ବହୁଳ ଖଣିଜ ଓ ଜଙ୍ଗଲ ସମ୍ପଦର ସଦୁପଯୋଗ କରିପାରି ନାହିଁ । ବର୍ତ୍ତମାନ ପରିସ୍ଥିତିର ପରିବର୍ତ୍ତନ ଘଟିଛି ଏବଂ ଓଡ଼ିଶାର ଶିଳ୍ প ଓ ଖଣି ଅଞ୍ଚଳ ସୁଦୃଢ଼ ସଡ଼କ ପଥ ଜରିଆରେ ଯୋଗସୂତ୍ର ରକ୍ଷା କରିପାରି ପାରିଛି ।

ଜାଜପୁର ସଡ଼କପଥ, ସୁନ୍ଦର ସଡ଼କପଥ, ଏବଂ ଦ୍ୱାଇଜ୍‌ଏ ଓ ବଡ଼ ବଡ଼ ଜଳାଶୟ ନିର୍ମିତ ଫଳରେ ସୁନ୍ଦର ବିଭିନ୍ନ ଅଞ୍ଚଳ ସହିତ ବନଆ ଯୋଗସୂତ୍ର ରକ୍ଷା କରିପାରିଛି । ଘାଟର ବିକାଶ କାର୍ଯ୍ୟକ୍ରମକୁ ପୂର୍ବରୁ ଯୋଜନାରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି ।

ସୁନ୍ଦର ମଧ୍ୟରେ ଯାଇଥିବା ରେଲପଥର ବିଶେଷ ଉନ୍ନତି ବିଧାନ କରିପାରିଛି । ଓଡ଼ି ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକ ଉତ୍ତର ଦେଇ ପୂର୍ବ କଲିକତା-ମାଦ୍ରାଜ ପ୍ରଧାନ ରେଲପଥ ସହ ଗୁଡ଼ଲକେଲ୍ଲ, ସୁନ୍ଦରଗାଙ୍ଗପୁର ଓ ଝାରସୁଗୁଡ଼ା ଦେଇ ଯାଇଥିବା କଲିକତା-ବମ୍ବେ ପ୍ରଧାନ ରେଲପଥ ସହିତ ଯୋଡ଼ିତ କରିପାରିଛି । ନବନିର୍ମିତ ସମ୍ବଲପୁର ଟିଟିଲାଗଡ଼ ରେଲପଥଦ୍ୱାରା ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳରେ ଯୋଗସୂତ୍ର ପ୍ରତିଷ୍ଠା କରିପାରିଛି । ଭଣ୍ଡାରାଇଶ୍ୟ-ବଲାଙ୍ଗିର-କରୁରୁ ରେଲପଥ ନି

ଲୌହ ଓ ଇସ୍‌ପାତ ଉତ୍ପାଦନରେ ନୂତନ ରେକର୍ଡ଼

ରାଉରକେଲ୍ଲ, ଭିଲାଇ ଓ ଦୁର୍ଗାପୁର ଇସ୍ପାତ କାରଖାନାମାନଙ୍କରୁ ଏପ୍ରିଲ ୧୯୬୬ରୁ ଫେବ୍ରୁଆରୀ ୧୯୬୭ ମଧ୍ୟରେ ମୋଟ ୨,୩୫୩,୬୧୭ ଟନ୍ ଇସ୍ପାତ ଏବଂ ୫୮୩,୦୫୮ କଞ୍ଚା ଲୁହା ଉତ୍ପାଦିତ ହୋଇଛି । ଏହି ସମସ୍ତ ମଧ୍ୟରେ ହିନ୍ଦୁସ୍ଥାନ ଷ୍ଟିଲ ଲିମିଟେଡ୍ ବିଦେଶକୁ ୭୧,୧୦୫ ଟନ୍ ଇସ୍ପାତ ଓ ୧୧୩,୧୮୩ ଟନ୍ କଞ୍ଚା ଲୁହା ରପ୍ତାନୀ କରିଛନ୍ତି । ଏଥିରୁ ପ୍ରାପ୍ତ ପାଉକୋଟି ଟଙ୍କା ମୂଲ୍ୟର ବୈଦେଶିକ ମୁଦ୍ରା ଆଦାୟ କରିପାରିଛି ।

ରାଉରକେଲ୍ଲ କାରଖାନାରେ ୭୧୯,୪୭୧ ଟନ୍ ଇସ୍ପାତ ଓ ୩୩,୩୩୭ ଟନ୍ କଞ୍ଚା ଲୁହା ଭିଲାଇ କାରଖାନାରେ ୧,୨୩୦,୪୯୧ ଟନ୍ ଇସ୍ପାତ ଓ ୪୧୨,୩୧୮ କଞ୍ଚା ଲୁହା ଏବଂ ଦୁର୍ଗାପୁର କାରଖାନାରେ ୫୦୨,୬୮୫ ଟନ୍ ଇସ୍ପାତ ଓ ୧୩୨,୪୦୩ ଟନ୍ କଞ୍ଚାଲୁହା ଉତ୍ପାଦିତ ହୋଇଛି ।

ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ସମୟରେ ଲୌହ ଇସ୍ପାତ ଉତ୍ପାଦନପାଇଁ ନିମ୍ନଲିଖିତ ରୂପେ ଲକ୍ଷ୍ୟଧାର୍ଯ୍ୟ କରିପାରିଛି । ୧୬·୫ ନିୟୁତ ଟନ୍ ଇସ୍ପାତ, ୮·୫ ନିୟୁତ ଟନ୍ କଞ୍ଚାଲୁହା ଏବଂ ୦·୫ ନିୟୁତ ଟନ୍ ସ୍ପଞ୍ଜ ଧରଣର ଇସ୍ପାତ ଉତ୍ପାଦନପାଇଁ ଉଦ୍ୟମ କରିପାରିଛି ।

ହେବା ଫଳରେ କୋରାପୁଟ ଜିଲ୍ଲାର ଦଣ୍ଡକାରଣ୍ୟ ଅଞ୍ଚଳର କେତେକାଂଶରେ ଗମନାଗମନର ସୁବିଧା ହୋଇପାରିଛି । ଅବିଳମ୍ବେ ପାଟ୍ଟପାଷକୁ ରେଳପଥ ନିର୍ମାଣ କରିବା ନିମନ୍ତେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସହିତ ଆଲୋଚନା ଚଳାଇଛନ୍ତି । ପାଟ୍ଟପାଷ ବନ୍ଦରର ବିକାଶ ସଙ୍ଗେ ସଙ୍ଗେ ଏହି ରେଳପଥର ନିର୍ମାଣ ମଧ୍ୟ ନିତାନ୍ତ ଜରୁରୀ ହୋଇ-ପଡ଼ିଛି ।

ଗମନାଗମନ କ୍ଷେତ୍ରରେ ଗତ ପାଞ୍ଚବର୍ଷ ମଧ୍ୟରେ ଯେଉଁ ଉଲ୍ଲେଖଯୋଗ୍ୟ ବିକାଶ ଘଟିଛି ସେଥିମଧ୍ୟରେ ପାରାଦ୍ୱୀପଠାରେ ନିର୍ମିତ ଗଭୀର ସାମୁଦ୍ରିକ ବନ୍ଦର ଅନ୍ୟତମ । ଏହି ବନ୍ଦରକୁ ୭୦,୦୦୦ ଟନ ଓଜନର ଜାହାଜ ଯାତାୟତ କରିବାର ସୁବିଧା ରହିଛି, ତେଣୁ ସ୍ୱରୂପରେ ଏହା ସଦାପେକ୍ଷା ଗଭୀରତମ ବନ୍ଦର । ପ୍ରତି ଘଣ୍ଟାରେ ୨,୫୦୦ ଟନ ଲୁହାପଥର ବୋଝାଇ କରିବା ନିମନ୍ତେ ରହିଥିବା ଯାନ୍ତ୍ରିକ ସୁବିଧା, ବନ୍ଦରର ପଶ୍ଚାତ୍ ଦେଶରେ ଅବସ୍ଥିତ ବିପୁଳ ପରିମାଣର ଖଣିଜ ଓ ଜଙ୍ଗଲ ସମ୍ପଦ ଏବଂ ଆଗାମୀ ୧୦ । ୧୫ ବର୍ଷ ମଧ୍ୟରେ ଯେଉଁ ପରିମାଣର ଯାନବାହାନ ସମାଗମ ବୃଦ୍ଧି ପାଇବାର ସମ୍ଭାବନା ରହିଛି, ତାହା ଦୃଷ୍ଟିରେ ପାରାଦ୍ୱୀପର ଚତୁଃପାର୍ଶ୍ୱରେ ଏକ କର୍ମଚଞ୍ଚଳ ଶିଳ୍ପାଞ୍ଚଳ ଗଢ଼ି ଉଠିବ ।

ଓଡ଼ିଶାରେ ପ୍ରଚୁର ପରିମାଣରେ ବିଦ୍ୟୁତ୍‌ଶକ୍ତି ମିଳିପାରୁଥିବାରୁ କଳକାରଖାନା ସ୍ଥାପନ କରିବା ଦିଗରେ ତାହା ଅନ୍ୟତମ ମୁଖ୍ୟ ଆକର୍ଷଣ ରୂପେ ପରିଗଣିତ । ୧୯୫୦ ମସିହା ସୁଦ୍ଧା ପ୍ରସ୍ତୁତିତ ବିଦ୍ୟୁତ୍ ଶକ୍ତିର ପରିମାଣଥିଲ ୯୩ ମେଗାୱାଟ୍ । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ଶେଷ ସୁଦ୍ଧା ଏହାର ପରିମାଣ ୨୭୦ ମେଗାୱାଟ୍‌କୁ ବୃଦ୍ଧି ପାଇଲ । ତୃତୀୟ ଯୋଜନା ଶେଷ ଢେଲକୁ ପୁନଶ୍ଚ ଏହା ୪୨୯·୫୦ ମେଗାୱାଟ୍‌କୁ ବୃଦ୍ଧି ପାଇଛି ଏବଂ ୧୯୭୯-୭୦ ମସିହାବେଳକୁ ତାଳଚେର ତାପଜ-ବିଦ୍ୟୁତ୍ କେନ୍ଦ୍ର ଓ ବାଲିମେଳା ବିଦ୍ୟୁତ୍ ଯୋଜନା ସମ୍ପୂର୍ଣ୍ଣ ହେବା ଫଳରେ ରାଜ୍ୟରେ ୯୧୪ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦିତ ହୋଇପାରିବ । ତୃତୀୟ ଯୋଜନାର ପ୍ରାରମ୍ଭରେ ଏବଂ ଚତୁର୍ଥ ଯୋଜନାର ଶେଷରେ ଓଡ଼ିଶାର ବିଦ୍ୟୁତ୍ ପରିକଳ୍ପନାଗୁଡ଼ିକର ଲକ୍ଷ୍ୟ ଅନୁସାରେ ପ୍ରସ୍ତୁତିତ ବିଦ୍ୟୁତ୍‌ଶକ୍ତି କାର୍ଯ୍ୟକ୍ଷମତା, ସଙ୍ଘୋଚ ଗ୍ରୁପ (ପିକ୍‌ଲୋଡ୍) ଓ ଫାର୍ମ କାପାସିଟି ନିମ୍ନୋକ୍ତ ବିବରଣୀରେ ପ୍ରଦତ୍ତ ହେଲ :—

		ତୃତୀୟ ଯୋଜନାର ପ୍ରାରମ୍ଭରେ	ଚତୁର୍ଥ ଯୋଜନା ଶେଷରେ
(କ) ପ୍ରସ୍ତୁତିତ ବିଦ୍ୟୁତ୍‌ଶକ୍ତି	...	୧୭୨·୭୫ ମେଗାୱାଟ୍	୪୧୪·୫୦ ମେଗାୱାଟ୍
(ଖ) କାର୍ଯ୍ୟକ୍ଷମତା	...	୧୭୦·୦୦ ,,	୭୪୭·୦୦ ,,
(ଗ) ସଙ୍ଘୋଚ ଗ୍ରୁପ (ପିକ୍‌ଲୋଡ୍)	...	୧୩୨·୦୦ ,,	୬୦୩·୦୦ ,,
(ଘ) ଫାର୍ମ କାପାସିଟି	...	୧୫୬·୦୦ ,,	୪୭୦·୫୦ ,,

ତାଳଚେର ତାପଜ-ବିଦ୍ୟୁତ୍ କେନ୍ଦ୍ରରେ ୨୨୫ ମେଗାୱାଟ୍ କ୍ଷମତା ବିଶିଷ୍ଟ ୨ଟି ୟୁନିଟ୍ ଆଗାମୀ କେତେମାସ ମଧ୍ୟରେ କାର୍ଯ୍ୟକାରୀ ହେବ । ସେଥିକ କ୍ଷମତା ବିଶିଷ୍ଟ ଅବଶିଷ୍ଟ ଦୁଇଟି ୟୁନିଟ୍ ମଧ୍ୟ ନଭେମ୍ବରରେ କାର୍ଯ୍ୟକାରୀ ହେବବୋଲି ଆଶା କରାଯାଇଛି । ବାଲି-ମେଳା ବିଦ୍ୟୁତ୍ ଯୋଜନାରେ ୬୦ ମେଗାୱାଟ୍

ସଂସ୍ଥାକୁ ଅନୁରୋଧ କରିଥିଲେ । ପରିଷଦ
ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ପାଇଁ ଉଦ୍ଦି
ଶିଳ୍ প କାର୍ଯ୍ୟକ୍ରମର ପୂର୍ଣ୍ଣାଙ୍ଗ ରିପୋର୍ଟ ୧୯୬୭
ମାସରେ ରାଜ୍ୟସରକାରଙ୍କ ନିକଟକୁ ପଠା
ଏହି ରିପୋର୍ଟ ବର୍ତ୍ତମାନ ଛପାଯାଉଛି ଏବଂ ଅ
ମଧ୍ୟରେ ଜନସାଧାରଣଙ୍କ ନିକଟ ରିପୋର୍ଟ
ପାରିବେ ।

ଜାତୀୟ ପ୍ରଯୋଗାତ୍ମକ ଅର୍ଥନୈତିକ ଗ
ପରିଷଦ ଦ୍ୱାରା ପ୍ରସ୍ତୁତ ରିପୋର୍ଟରେ ଉ
୧୯୬୬-୬୭ ମସିହାରୁ ୧୯୭୦-୭୧ ମସିହା
ଯେଉଁ ଶିଳ୍ପ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଯିବ,
କାର୍ଯ୍ୟକ୍ରମର ପୂର୍ଣ୍ଣ ବିବରଣୀ ଉଲ୍ଲେଖ କରି
ଚତୁର୍ଥ ଯୋଜନାରେ ସର୍ବମୋଟ ୩୭୧ କୋଟି
ବିନିଯୋଗ କରିବାପାଇଁ ଉକ୍ତ ପରିଷଦ
ଦେଇଛନ୍ତି । କେଉଁ ଶିଳ୍ପରେ କେତେ
ବିନିଯୋଗ କରିବ ତାହା ନିମ୍ନରେ
ଦେଲା :—

ଚତୁର୍ଥ ଯୋଜନା କାଳରେ ଅନୁରକ୍ତ ମୂଳଧନ ବିନିଯୋଗ (କୋଟି ଟଙ୍କାରେ)	ମୋଟ ମୂଲ୍ୟ
(୩)	(୪)
.. ୬୬·୨୧	
.. ୨୨୭·୦୦	
.. ..	
ଉପରେ ୧୮·୯୧	
.. ୪୧·୧୨	
.. ୩·୨୫	
.. ୩୭୧·୩୧	

ଓଡ଼ିଶାରେ ଶିଳ୍ପ ସମ୍ଭାବନା

ନିମ୍ନଲିଖିତ ଜାତୀୟ ପ୍ରଯୋଗାତ୍ମକ ଅର୍ଥନୈତିକ ଗବେଷଣା ପରିଷଦ ଦ୍ୱାରା ୧୯୬୨ ମସିହାରେ ଓଡ଼ିଶାର ବୈଷୟିକ-ଅର୍ଥନୈତିକ ସର୍ଭେ ରିପୋର୍ଟ ପ୍ରକାଶ କରାଯାଇଥିଲା । ଏହି ରିପୋର୍ଟ ପ୍ରକାଶପାଇବା-ପରେ ଓଡ଼ିଶାର ଶିଳ୍ପ ସମ୍ଭାବନା ସମ୍ପର୍କରେ ସର୍ଭେ କରି ଚତୁର୍ଥ ଯୋଜନା ନିମନ୍ତେ ଗୋଟିଏ ଶିଳ୍ପ କାର୍ଯ୍ୟ-କ୍ରମ ପ୍ରସ୍ତୁତ କରିବା ପାଇଁ ରାଜ୍ୟ ସରକାର ଉକ୍ତ

କ୍ରମିକ ନମ୍ବର	ଶିଳ୍ପ
(୧)	(୨)
୧	ଖଣିଜ ଶିଳ୍ପ ଓ ଖଣିଜ ପଦାର୍ଥର ଉତ୍ପାଦନ
୨	ଧାତୁ ଓ ଧାତୁ ପରିସ୍କରଣ ଶିଳ୍ପ
୩	ଖଣିଜ ଦ୍ରବ୍ୟ
୪	କୃଷି, ପଶୁସମ୍ପଦ ଓ ଜଙ୍ଗଲଜାତ ଦ୍ରବ୍ୟ ଭିତ୍ତିକ ଶିଳ୍ପ ।
୫	ରସାୟନିକ ଓ ଆନୁସଙ୍ଗିକ ଶିଳ୍ପ
୬	ଷ୍ଟିଲ୍ ଶିଳ୍ପ
	ମୋଟ

ପରିଷଦଦ୍ୱାର ପ୍ରସ୍ତୁତ ରିପୋର୍ଟରେ ବଇନ୍ଧ ମୁଖ୍ୟ ଶିଳ୍ପ ସମ୍ପର୍କରେ ପୂର୍ଣ୍ଣ ବିବରଣୀ ପ୍ରଦତ୍ତ ହୋଇଛି । ବଇନ୍ଧ ଶିଳ୍ପ ପ୍ରତିଷ୍ଠା କରିବା ବିଷୟରେ ସମସ୍ତ ବିଷୟକୁ ପୁଙ୍ଖାନୁପୁଙ୍ଖଭାବେ ବିଚାର କରିଯାଇ ପରିଷଦଦ୍ୱାର ସୁପାରିଶ୍ କରିଯାଇଛି । ପରିଷଦଦ୍ୱାର ସୁପାରିଶ୍ କରାଯାଇଥିବା ବଇନ୍ଧ ଶିଳ୍ପ ସମ୍ପର୍କୀୟ ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା:—

(ଚତୁର୍ଥ ଯୋଜନାକାଳରେ ରାଉରକେଲ୍ଲା ଇସ୍ପାତ୍ କାରଖାନାର ସମ୍ପ୍ରସାରଣ ଉଦ୍ଦେଶ୍ୟରେ ରହିଥିବା ୧୪୭ କୋଟି ଟଙ୍କା ଏବଂ ସେଥି ସମନ୍ୱିତ ଲୁଦା ଇସ୍ପାତ୍ କାରଖାନା ଓଡ଼ିଶାରେ ନିର୍ମାଣ କରିବା ନିମନ୍ତେ ପ୍ରସ୍ତାବ ରହିଛି, ସେ ସମ୍ପର୍କୀୟ ପ୍ରାରମ୍ଭିକ ବ୍ୟୟ ବୁଲାଇବାପାଇଁ ରଖାଯାଇଥିବା ୫୦ କୋଟି ଟଙ୍କା ଉପରୋକ୍ତ ହିସାବରେ ଅନ୍ତର୍ଭୁକ୍ତ । ଏହି କାର୍ଯ୍ୟକ୍ରମକୁ ବାଦ ଦେଲେ ଅତିରିକ୍ତ ୧୭୪·୫୧ କୋଟି ଟଙ୍କା ବିନିଯୋଗ କରିଯାଇ ପାରିବ ।)

ଚତୁର୍ଥ ଯୋଜନାରେ ସରକାରୀ ଓ ବେସରକାରୀ କ୍ଷେତ୍ରରେ ମୂଳଧନ ବିନିଯୋଗ

(କୋଟି ଟଙ୍କାରେ)

କ୍ରମିକ ନମ୍ବର	ଶିଳ୍ প	ସରକାରୀ କ୍ଷେତ୍ର କେନ୍ଦ୍ର ସରକାର	ସରକାରୀ କ୍ଷେତ୍ର ରାଜ୍ୟ ସରକାର	ବେସରକାରୀ କ୍ଷେତ୍ର	ମୋଟ
(୧)	(୨)	(୩)	(୪)	(୫)	(୬)
ଖଣିଜ ଶିଳ୍ପ—					
୧	କୋଇଲା	..	୧୦୦·୦	..	୧୦୦·୦୦
୨	ଲୁଦା ପଥର	..	୩୩·୫୦	୧୨·୫୦	୪୬·୦୦
୩	ମାଙ୍ଗାନିଜ ପଥର	..	..	୦·୪୦	୦·୪୦
୪	ଚୂନ ପଥର ଓ ଡୋଲମାଇଟ୍	..	..	୨·୧୫	୨·୧୫
୫	କ୍ରୋମାଇଟ୍				
୬	ଫାୟାର କ୍ଲେ	..	..	୦·୧୫	୦·୧୫
୭	କ୍ୱାର୍ଟଜାଇଟ୍				
୮	ଲବଣ	..	..	୦·୩୫	୦·୩୫
୯	କାର୍ଯ୍ୟକାରୀ ମୂଳଧନ	..	୩·୨୦	୦·୨୬	୫·୪୬
୧୦	ଖଣିଜ ଦ୍ରବ୍ୟ ଅନୁସନ୍ଧାନ	..	..	୦·୬୦	୦·୬୦
	ମୋଟ	..	୩୬·୨୦	୩·୮୧	୬୬·୨୧

(କୋଟି ଟଙ୍କା)

ଶ୍ରେଣୀ ନମ୍ବର	ଶିଳ୍ প	ସରକାରୀ କ୍ଷେତ୍ର କେନ୍ଦ୍ର ସରକାର	ସରକାରୀ କ୍ଷେତ୍ର ରାଜ୍ୟ ସରକାର	ବେସରକାରୀ କ୍ଷେତ୍ର
(୧)	(୨)	(୩)	(୪)	(୫)
ଧାତୁ ପରିଷ୍କରଣ ଓ ଧାତୁ ଶିଳ୍ପ—				
୧୧	ଫାଉଣ୍ଡ୍ରିଗ୍ରେଡ୍ ପିଗ୍ ଆଇରନ୍	..	୫.୦୦	..
୧୨	ମାଇଲ୍ଡ ଷ୍ଟିଲ	.. ୧୯୭.୦୦	..	..
୧୩	ଫେରୋ-କ୍ରୋମ୍	.. ..	୭.୮୦	..
୧୪	ଫେରୋ-ସିଲିକନ୍	.. ..	୦.୨୦	..
୧୫	ଫେରୋ-ମ୍ୟାଙ୍ଗାନିଜ୍	.. ..	..	..
୧୬	ରି ରୋଲିଂ	.. ..	..	୦.୩୦
୧୭	ଷ୍ଟ୍ରକ୍‌ଚରାଲ୍ ଫାବ୍ରିକେସନ	.. ..	୭.୨୦	୭.୧୦
୧୮	ମ୍ୟାଙ୍ଗାନିଜ୍ ପିଗ୍ ଆଇରନ୍	.. ..	୦.୮୦	..
୧୯	ଲୁହା ଢଳେଇ	.. ..	୭.୧୦	୭.୦୫
୨୦	ଢଳେଇ ଲୁହା ପାଇପ	.. ..	..	..
୨୧	ଆଲମ୍ୟୁନିୟମ ରୋଲଡ୍ ସାମଗ୍ରୀ	.. ..	..	୫୭.୦୦
୨୨	ଅନ୍ୟାନ୍ୟ ଧାତୁ ପରିଷ୍କରଣ ଶିଳ୍ପ	.. ..	..	୦.୫୦
୨୩	କୃଷି ଉପକରଣ	.. ..	..	୦.୨୫
୨୪	ବୋଲ୍ଟ୍, ନଟ୍ ଓ ସ୍କ୍ରୁ	.. ..	..	୧.୫୦
୨୫	କାଠ ଓ ମେସିନ୍ ଟୁଲ୍	.. ..	..	୧.୫୦
୨୬	ଅନ୍ୟାନ୍ୟ ଧାତୁନିର୍ମିତ ଦ୍ରବ୍ୟ	.. ..	..	୦.୧୫
୨୭	ଧାତୁ ପରିଷ୍କରଣ, ସ୍ୱୟଂଚାଳକ ଓ ଇଞ୍ଜି ପରିପାଟ ।	.. ..	..	୨.୫୦
୨୮	ପିମେଣ୍ଟ ପରିପାଟ			
୨୯	କୃଷି ଟ୍ରାକ୍ଟର	.. ..	..	୦.୧୦
୩୦	ଷ୍ଟେଟ୍ରୋଲ/ଜଳପିନ୍ଧୁଳିତ ଇଞ୍ଜିନ୍	.. ..	୧.୬୦	..
		..	..	୦.୫୦

(କୋଟି ଟଙ୍କାରେ)

କ୍ରମିକ ନମ୍ବର	ଶିଳ୍ প	ସରକାରୀ କ୍ଷେତ୍ର କେନ୍ଦ୍ର ସରକାର	ସରକାରୀ କ୍ଷେତ୍ର ରାଜ୍ୟ ସରକାର	ବେସରକାରୀ କ୍ଷେତ୍ର	ମୋଟ
(୧)	(୨)	(୩)	(୪)	(୫)	(୬)
୩୧	ଶକ୍ତିଚାଳିତ ପମ୍ପ	..	..	୪.୫୦	୪.୫୦
୩୨	ମେସିନ୍ ଟୁଲ୍ ଉପକରଣ	..	..	୦.୮୦	୦.୮୦
୩୩	ଅନ୍ୟାନ୍ୟ ଯନ୍ତ୍ରପାତି	..	..	୦.୫୦	୦.୫୦
୩୪	ବିଦ୍ୟୁତ୍ ଓ ଇଲ୍ଟ୍ରିକ୍ୟୁସନ୍ ଟ୍ରାନ୍ସ-ଫରମର ।	..	..	୧.୮୦	୧.୮୦
୩୫	ବିଦ୍ୟୁତ୍ ମୋଟର	..	..	୦.୮୦	..	୦.୮୦
୩୬	ସୁଇଚ୍ ଗିଅର ଓ କଣ୍ଟ୍ରୋଲ୍ ଗିଅର	..	..	୧.୦୦	..	୧.୦୦
୩୭	ଏ ସି ଏସ୍ ଆର୍ କଣ୍ଡକ୍ଟର	..	..	୦.୧୦	୦.୧୦	୦.୨୦
୩୮	ଏନାମେଲଡ୍ ୱେପର ଓ କଟନ୍ କଭର୍ଡ ୱାଏଆର ।	..	..	୦.୧୦	..	୦.୧୦
୩୯	ଅନ୍ୟାନ୍ୟ ବିଦ୍ୟୁତ୍ ଶିଳ୍ପ	..	..	..	୦.୫୦	୦.୫୦
୪୦	ମାଛଧରା ଡଙ୍ଗା, କୋଚ୍ ଓ ବାଇଜ	..	..	୦.୧୫	୦.୧୫
୪୧	ଅନ୍ୟାନ୍ୟ ପରିବହନ ଉପକରଣ	..	..	୦.୫୦	୦.୫୦
	ମୋଟ	..	୧୫୭.୦୦	୧୭.୫୦	୧୬.୫୦	୬୬୭.୦୦

ଘସାୟୁନ୍ଧକ ଓ ଆନୁସଙ୍ଗିକ ଶିଳ୍ପ—

୪୨	ସୁତ୍ରଆ	..	..	୧୧.୫୦	..	୧୧.୫୦
୪୩	ଆମୋନିୟମ ନାଇଟ୍ରେଟ୍	..	୦.୭୮	..	..	୦.୭୫
୪୪	ଆମୋନିୟମ କ୍ଲୋରାଇଡ୍	..	..	..	୪.୨୫	୪.୨୫
୪୫	କାଲସିୟମ ଆମୋନିୟମ୍ ନାଇଟ୍ରେଟ୍	..	..	..	..	.
୪୬	ସୁପର ଫସ୍ଫେଟ୍	..	..	୦.୪୩	..	୦.୪୩
୪୭	କଷ୍ଟିକ୍ ସୋଡ଼ା	..	..	..	୧.୫୦	୧.୫୦

(କୋଟି ଟଙ୍କାରେ)

କ୍ରମିକ ନମ୍ବର	ଶିଳ୍ প	କେନ୍ଦ୍ର ସରକାର କ୍ଷେତ୍ର	ରାଜ୍ୟ ସରକାର କ୍ଷେତ୍ର	ବେସରକାରୀ କ୍ଷେତ୍ର
(୧)	(୨)	(୩)	(୪)	(୫)
୪୮	ସୋଡ଼ା ଖାର	..	..	୪.୭୫
୪୯	ପଲଷ୍ଟିନ୍	..	..	୩.୦୦
୫୦	ପିଣ୍ଡିପି	..	..	୭.୫୦
୫୧	ରେୟନ୍ ଫୋର୍ସଡ୍ ପ୍ଲାଷ୍ଟିକ୍	..	..	୦.୭୦
୫୨	ପ୍ରୋସେସିଂ ପ୍ଲାଷ୍ଟିକ୍	..	..	୫.୦୦
୫୩	ସିନ୍‌ଥେଟିକ୍ ଜେଟ୍‌ରଜେଣ୍ଟ	..	..	୦.୭୦
୫୪	କାରବୋକ୍ସିଲ ମେଥିଲ ସେଲୁଲସ୍	..	..	୦.୧୦
୫୫	ଇଲେକ୍‌ଟ୍ରୋପ୍ଲେଟିଂ କେମିକାଲ୍	..	..	୦.୦୫
୫୬	ଅକ୍‌ସିଜେନ	..	..	୦.୨୬
୫୭	ଓଜଲଜଡ୍ ଆସ୍‌ବିଲନ୍	..	..	୦.୪୦
	ମୋଟ	..	୦.୭୮	୧୧.୯୩

କୃଷି, ପଶୁସମ୍ପଦ ଓ ଜଙ୍ଗଲ ଶିଳ୍ପ—

୫୮	କଗା ସୂତା	..	..	..
୫୯	କଗା କପଡ଼ା	..	..	୧.୦୦
୬୦	ପଲାଷ୍ଟନଲ ଆଲକୋହଲ୍	..	..	୨.୦୦
୬୧	ନାଇଲନ୍	..	..	୦.୮୭
୬୨	ଚନ୍ଦ୍ର	..	..	୩.୯୦
୬୩	ସୁତ୍ରଳ କଳ	..	..	..
୬୪	ସ୍ପିରଟ୍ ବ୍ରାନ୍ ଅଏଲ୍	..	୧.୧୧	..
୬୫	ଟାନ୍ନିଂ	..	..	୦.୦୫
୧୦		..	..	୦.୦୩

(କୋଟି ଟଙ୍କାରେ)

କ୍ରମିକ ନମ୍ବର	ଶିଳ୍ প	ସରକାରୀ କ୍ଷେତ୍ର କେନ୍ଦ୍ର ସରକାର	ସରକାରୀ କ୍ଷେତ୍ର ରାଜ୍ୟ ସରକାର	ବେସରକାରୀ କ୍ଷେତ୍ର	ମୋଟ
(୧)	(୨)	(୩)	(୪)	(୫)	(୬)
୬୬	ମାଛ କ୍ୟାନିଂ ..	..	..	୦.୦୩	୦.୦୩
୬୭	କାଗଜ ..	..	..	୮.୫୦	୮.୫୦
୬୮	ଫାଇବର ବୋର୍ଡ ..	..	..	୦.୭୫	୦.୭୫
୬୯	ପାର୍ଟିକଲ୍ ବୋର୍ଡ ..	..	..	୦.୦୭	୦.୦୭
୭୦	ମାଇଗ୍ରେବୋଲନ୍ ଏକ୍ସଟ୍ରାକ୍ଟ ..	..	..	୦.୭୦	୦.୭୦
	ମୋଟ ..	..	୧.୧୧	୧୭.୮୦	୧୮.୯୧
ଧାତୁ ଶିଳ୍ପ, ଅଣ-ଧାତୁ ପରିଷ୍କରଣ ଶିଳ୍ପ—					
୭୧	ଲୌହ ଷ୍ଟିମ୍‌ରେଡର କାରବୋନାଇଜେସନ୍ ।	..	୯.୭୦	..	୯.୭୦
୭୨	ପ୍ଲାଗ୍ ସିମେଣ୍ଟ ..	୩.୭୦	..	..	୩.୭୦
୭୩	ଗ୍ଲାସ ଫାଇବର ଓ ଫାଇବର ଦ୍ରବ୍ୟ ..	..	..	୦.୩୦	୦.୩୦
୭୪	ଫ୍ଲାଇଟ୍ ଆଶ୍ ..	..	..	୦.୩୦	୦.୩୦
୭୫	ସାଣ୍ଡଷ୍ଟୋନ୍ ଆଶ୍ ..				
୭୬	ସେଲୁଲୁର କଂକ୍ରିଟ୍ ବଲଡିଂ ବ୍ଲକ୍ ..	..	..	୦.୭୦	୦.୭୦
୭୭	ସାଣ୍ଡ ଲାଇମ୍ ବ୍ରିକ୍ ..	..	..	୦.୧୨	୦.୧୨
	ମୋଟ ..	୩.୭୦	୯.୭୦	୧.୪୨	୧୪.୮୨
	କ୍ଷୁଦ୍ର ଶିଳ୍ପ ..	..	..	୩.୨୫	୩.୨୫
	ସର୍ବମୋଟ ..	୨୩.୭୮	୬୦.୪୫	୬୨.୧୯	୩୬୨.୩୨

ଶିଳ୍ପ କୋନ୍ ଓ ବେଲ୍ଟ—

ରାଜ୍ୟରେ ବର୍ତ୍ତମାନ ଗଢ଼ିଉଠୁଥିବା ବିକାଶ କାର୍ଯ୍ୟକ୍ରମ ପ୍ରତି ଦୃଷ୍ଟି ଘାତ କଲେ ପାର ରାଜ୍ୟରେ ଦୁଇଟି ଜଲ୍ଦି ଶିଳ୍ପ ବେଲ୍ଟ ଓ ଦୁଇଟି ଶିଳ୍ପ କୋନ୍ ସ୍ପଷ୍ଟ ଦୃଷ୍ଟି-ଗୋଚର ହୁଏ । ସେଗୁଡ଼ିକ ହେଲ୍—

୧ । (କ) ରାଉରକେଲ୍ଲ—ବଣାଇ—ତାଳଚେର—କଟକ—ପାରାଦ୍ୱୀପ ବେଲ୍ଟ ।

(ଖ) ନପୁରାଗଡ଼ - ଝନକା - ବୈତାଣୀ - ପାରାଦ୍ୱୀପ ବେଲ୍ଟ ।

୨ । ବଣାଖାପାଟଣା ପର୍ଯ୍ୟନ୍ତ ଲମ୍ବିଥିବା ରାଉରକେଲ୍ଲ-ରାଜଗାଙ୍ଗପୁର ଝାରସୁଗୁଡ଼ା-ବଲାଙ୍ଗିର - ଟିଟିଲାଗଡ଼-ବାଘୁଗଡ଼ା-କୋରପୁଟ ବେଲ୍ଟ ।

୩ । ମୟୁରଭଞ୍ଜ ଜିଲ୍ଲାର ଶିଳ୍ପ କୋନ୍ ।

୪ । ଗଞ୍ଜାମ ଜିଲ୍ଲାର ଶିଳ୍ପ କୋନ୍ ।

ଶିଳ୍ପ ସମ୍ଭାବନା ରଥା ବନ୍ଦୁପଖ୍ୟକ ଛୋଟ, ମଧ୍ୟମ ଧରଣର ଏବଂ କ୍ଷୁଦ୍ର ଶିଳ୍ପ ସ୍ଥାପନର ଆବଶ୍ୟକତାକୁ ବସ୍ତୁରକୁ ନେଇ ଉପରୋକ୍ତ ଶିଳ୍ପ କୋନ୍ ଓ ବେଲ୍ଟ ବଣ୍ଟାଯାଇଛୁ । କଞ୍ଚା ମାଲ, ପର୍ଯ୍ୟାପ୍ତ ପରିମାଣର ଜଳ, ବିଦ୍ୟୁତ୍ ଶକ୍ତି ଏବଂ ଯାତାୟାତ ସୁବିଧାଆଦିକୁ ବିଚାର କରି ପ୍ରତ୍ୟେକ ଶିଳ୍ପ ବେଲ୍ଟ ଓ କୋନ୍ ବଣ୍ଟା ଯାଇଛୁ ।

ରାଉରକେଲ୍ଲ-ବଣାଇ-ତାଳଚେର-କଟକ—ପାରାଦ୍ୱୀପ ଶିଳ୍ପ ବେଲ୍ଟ

ଇସ୍ପାତ କାରଖାନା, ସାର କାରଖାନା, ଜହ୍ନଳ ମେସିନାରୀ, ରାଜଗାଙ୍ଗପୁର ସିମେଣ୍ଟ କାରଖାନା ଇତ୍ୟାଦିପାଇଁ ସୁପରିଚିତ ରାଉରକେଲ୍ଲ ଅଞ୍ଚଳରେ ବିପୁଳ ଶିଳ୍ପ ସମ୍ଭାବନା ରହିଥିଲେ ସୁଦ୍ଧା ସେସବୁର ପୂର୍ଣ୍ଣ ବିକାଶ ହୋଇପାରିନାହିଁ । ନିକଟରେ ହୋଇଥିବା ସର୍ଭେରୁ ଜଣାପଡ଼ିଛି ଯେ ଗୋଟିଏ

ରାସାୟନିକ ଉପକରଣ ନର୍ମାଣ କାରଖାନା କରିବା ନମନ୍ତେ ରାଉରକେଲ୍ଲ ଅଞ୍ଚଳରେ ସୁବିଧା ରହିଛି । ରାଉରକେଲ୍ଲ ଇସ୍ପାତ୍ ଏଥିନମନ୍ତେ ଆବଶ୍ୟକୀୟ ପରିମାଣର ଇତ୍ୟାଦି ମିଳପାରିବ ।

ସାର କାରଖାନା ଓ କୋକ୍ ଓଭନ୍ ଜାତୀୟ ଉପଜାତ ପଦାର୍ଥର ସଦୁପଯୋଗରେ ଜୈବିକ ଓ ରାସାୟନିକ କାରଖାନା ପ୍ରତିଷ୍ଠା ପାରିବ । ଉଦାହରଣ ସ୍ୱରୂପ ଷ୍ଟିରିନ୍, ଆନାଥାଲିଜ୍ରାଇଜ୍, ଡାଇଷ୍ଟଫ୍, ଇତ୍ୟାଦି ।

ଆନୁମଧ୍ୟ ଏଲ୍. ଡି. କନ୍ଭରଟରରୁ ଧାତୁମଳ (ସ୍ଲାଗ୍) ଏବଂ ଆମଦାନୀ ଫସ୍ଫରିକ୍ ପଥରର ଉପଯୋଗରେ ଠାରେ ଗୋଟିଏ କ୍ଷୁଦ୍ର ସାର କାରଖାନା କରାଯାଇ ପାରିବ ।

ଗୋଟିଏ ସମନ୍ୱିତ ଇସ୍ପାତ୍ କାରଖାନା ଗୋଟିଏ କଞ୍ଚାଲୁହା କାରଖାନା ସ୍ଥାପନ ନମନ୍ତେ ବଣାଇରେ ଅନୁକୂଳ ସୁବିଧା ରାଉରକେଲ୍ଲାରୁ ୫୦ କଲୋମିଟର ଦକ୍ଷିଣ ସ୍ଥାନଟି ଅବସ୍ଥିତ ଏବଂ ଦକ୍ଷିଣ-ପୂର୍ବ ରେ ଏହି ଅଞ୍ଚଳ ଦେଇ ଅତିକ୍ରମ କରିଛୁ । ଏହା ନିକଟବର୍ତ୍ତୀ ରେଲଷ୍ଟେସନ ପାରପାଣ୍ଡ । ଏହା ପୂର୍ବ ରେଲବସ୍ତର ଶାଖା ବଣ୍ଡାମୁଣ୍ଡା-ରାସ୍ତାରେ ଅବସ୍ଥିତ । ବ୍ରାହ୍ମଣୀ ନଦୀରେ କରାଯାଇଥିବା ଲୋଡ଼ାମା ବନ୍ଧରୁ ଅଧି ପରିମାଣର ଜଳ ମିଳାପାରିବ । ଏହି ସ୍ଥାନ କଲୋମିଟର ଦୂରରେ ୧୩୨ କଲୋ ଶକ୍ତି ବିଶିଷ୍ଟ ସିଂଭୁମ-ତାଳଚେର ଗ୍ରୀଡ୍ ୪୦ କଲୋମିଟର ଦୂରରେ ଅବସ୍ଥିତ ବୁଝାଯାଉଛୁ ଏହି କାରଖାନାପାଇଁ ଲୁଣ୍ଡା ଅଞ୍ଚଳ

ବାଷ୍ଟ ଫରନାସ୍‌ରୁ ମିଳୁଥିବା ୧୨,୨୦୦ଟନ ସ୍ଲାଗ୍‌ର ଉପଯୋଗ ନମନ୍ତେ ଗୋଟିଏ ସିମେଣ୍ଟ କାରଖାନା ସ୍ଥାପନ କରିବା ନମନ୍ତେ ବହୁତ ସମ୍ଭାବନା ରହିଛି ।

ଫେନୋଲ ଜକଉର ପ୍ଲାଷ୍ଟିକଆଦି ବଉଦ୍ୟ ଘରୋଇ ଶିଳ୍ପ ମଧ୍ୟ ପ୍ରତିଷ୍ଠା କରାଯାଇ-ପାରିବ ।

ଏହି ବେଲ୍‌ଟର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ହେଲା ଓଡ଼ିଶାର ସର୍ବପ୍ରଧାନ ସହର କଟକର ଚତୁଃପାର୍ଶ୍ୱବର୍ତ୍ତୀ ଅଞ୍ଚଳ । ଆଠଗଡ଼ ଓ ବାରଙ୍ଗ ମଧ୍ୟରେ ଯାଇଥିବା ରେଳରାସ୍ତା ସଂଲଗ୍ନ ଅଞ୍ଚଳ ଏବଂ ନରଜ ଆନାକଟ ସଂଲଗ୍ନ ଅଞ୍ଚଳରେ ବଉଦ୍ୟ ଇଞ୍ଜିନିୟରିଂ ଶିଳ୍ପ ପ୍ରତିଷ୍ଠା କରାଯାଇପାରିବ । ଏହି ଶିଳ୍ପ କାରଖାନାରେ ଉତ୍ପାଦିତ ସାମଗ୍ରୀ ପାରାଦୀପ ବନ୍ଦରଦେଇ ସୁବିଧାରେ ବିଦେଶକୁ ରପ୍ତାନୀ ହୋଇ ପାରିବ । ଏହି ଅଞ୍ଚଳରେ ପ୍ରଚୁର ପରିମାଣରେ ଜଳ ମିଳିପାରିବ ।

ପାରାଦୀପ ବନ୍ଦର ଅଞ୍ଚଳ ବଉଦ୍ୟ ଶିଳ୍ପ କାରଖାନା ସ୍ଥାପନ ନମନ୍ତେ ବିଶେଷ ଅନୁକୂଳ ଅଟେ । ପାରାଦୀପ ବନ୍ଦର ନର୍ମିତ ହେବାଫଳରେ ଏଠାରେ ଗୋଟିଏ ବୃହତ୍ ଧରଣର ସାର କାରଖାନା ନର୍ମାଣ କରାଯାଇପାରିବ । ଘରୋଚର ଉପକୂଳବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଶୋଧନାଗାରରୁ ମିଳୁଥିବା ନାପଥା ଜନ୍ୟ ବିଦେଶରୁ ଏହା ଆମଦାନୀକରି ସାର ଉତ୍ପାଦନ କରାଯାଇପାରିବ । ବିଶେଷକରି ପୂର୍ବାଞ୍ଚଳରେ ଫସଫେଟିକ୍ ସାର ଉତ୍ପାଦନ କରାଯାଇପାରିବ । ବିଶେଷକରି ପୂର୍ବାଞ୍ଚଳରେ ଫସଫେଟିକ୍ ସାରର ଅଗ୍ରିମ ପରିଲକ୍ଷିତ ହୋଇଥାଏ । ଭବିଷ୍ୟତରେ ପୂର୍ବ ପୁରୋଗ ଦେଶମାନଙ୍କୁ ବହୁ-ପରିମାଣରେ କୁହାପଥର ରପ୍ତାନୀ କରିପାରିବ । ତେଣୁ ସୁଲଭ ମୂଲ୍ୟରେ ଫସଫେଟିକ୍ ପଥର ବିଦେଶରୁ ଆମଦାନୀ କରାଯାଇ ଫସଫେଟିକ୍ ସାର ଉତ୍ପାଦନରେ

ଗାରିବ । ଓଡ଼ିଶା ଖଣି କର୍‌ପୋରେସନ୍ ଏହି କୁହାପଥର ଖଣିର ମାଲିକ ଅଟନ୍ତି । ୫୫୫୦ କଲେମିଟର ଦୂରରେ ଅବସ୍ଥିତ ରାଜଗଡ଼ କୋଇଲା-ଞ୍ଚଳରୁ କୋକିଂ କୋଇଲା ଏବଂ ୧୫୦ କଲେମିଟର ଦୂରରେ ଅବସ୍ଥିତ ତାଳଚେରରୁ ନନ୍-କୋକିଂ କୋଇଲା ମିଳିପାରିବ । ଝରସିଗୁଡ଼ାରୁ ଆବଶ୍ୟକୀୟ ପରିମାଣର ଚୂନପଥର ମିଳିପାରିବ । କାରଖାନାଠାରୁ ଏହା ୯୦ କଲେମିଟର ଦୂରରେ ଅବସ୍ଥିତ । ୫୫ କଲେମିଟର ଦୂରସ୍ଥ ଭୁମାରୁରୁ ମାଙ୍ଗାନିଜ ମଧ୍ୟ ମିଳିପାରିବ । ରାଜ୍ୟ ସରକାର ଖୁବ୍ ନିକଟରେ ଏହି ଅଞ୍ଚଳର ସର୍ଭେ କାର୍ଯ୍ୟ ଆରମ୍ଭ କରିବା ସଙ୍ଗେ ସଙ୍ଗେ ଏକ ସୁପରିଚିତ ପରାମର୍ଶଦାତା ଫାର୍ମ ଜରିଆରେ ଏକ ପୂର୍ଣ୍ଣାଙ୍ଗ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ କରାଇବେ ।

ତାଳଚେର ଶିଳ୍ প୍ରାନ୍ତ ଏହି ବେଲ୍‌ଟରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପାଞ୍ଚଳ । ଏହାର ପ୍ରୋଜେକ୍ଟ ରିପୋର୍ଟ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇ ସାରିଛି ଏବଂ ଚତୁର୍ଥ ପଞ୍ଚବାର୍ଷିକ ଯୋଜନାକାଳରେ ଏହି ଯୋଜନାକୁ କାର୍ଯ୍ୟକାରୀ କରିବାର ସମ୍ଭାବନା ରହିଛି । ଏହି ତାଳଚେର ଶିଳ୍ପ ପ୍ରାନ୍ତର କାର୍ଯ୍ୟକାରୀ ହେଲେ ୧,୬୮,୫୦୦ ଟନ୍ ପିଗ୍ ଆଇରନ୍ ଓ ୧,୫୮,୬୦୦ ଟନ୍ ଉତ୍କୃଷ୍ଟ ଧରଣର ସାର (ୟୁରିଆ) ଉତ୍ପାଦିତ ହେବ । ପ୍ରସ୍ତାବିତ ଶିଳ୍ପାଞ୍ଚଳରୁ ୨ କଲେମିଟର ଦୂରରେ ଅବସ୍ଥିତ ତାଳଚେରରେ ମିଳୁଥିବା ନନ୍-କୋକିଂ କୋଇଲାର ସଦ୍ୱ୍ୟବହାର କରାଯାଇ ପ୍ଲାଣ୍ଟ ଫରନାସ୍‌ରେ ବ୍ୟବହାର କରାଯିବା ନମନ୍ତେ କେ କୁ ଉତ୍ପାଦନ କରା-ଯିବ । ଝମକା-ଭାଇତାଙ୍ଗରେ ମିଳୁଥିବା କୋଇଲାର ସଦ୍ୱ୍ୟବହାର କରାଯିବ । ଏହି କାରଖାନାର ଉପଜାତ ପଦାର୍ଥ ସୁରିଆ ସାର ଉତ୍ପାଦନ କାର୍ଯ୍ୟରେ ବ୍ୟବହୃତ ହେବ ।

କ୍ୟବଦ୍ଦାର ଜଗ୍ପିବ । ବଦେଶରୁ ଆମଦାମା କଗ୍ଯାଉଥିବା କଞ୍ଚା ତେଲ ଶୋଧନ ନମନ୍ତେ ଗୋଟିଏ ଶୋଧନାଗାର ସ୍ଥାପନ ଜଗ୍ପିବ । ଏହି ଶୋଧନାଗାରରୁ ଯେଉଁ ନାପଥା ମିଳିବ ସେସବୁର ସଦୁପଯୋଗ କର ଆମୋନ୍ନଆସାର ଉତ୍ପାଦନ ଜଗ୍ପିବା ମଧ୍ୟ ସମ୍ଭବପର ହେବ । ପାରଦ୍ୱୀପ ବନ୍ଦରରେ ଗୋଟିଏ କଷ୍ଟିକ୍ ସୋଡ଼ା ଓ ଆମୋ-ନସ୍ନ ପ୍ଲାଷ୍ଟିଇଡ୍ କାରଖାନା ସ୍ଥାପନ ନମନ୍ତେ ମଧ୍ୟ ପ୍ରସ୍ତାବ ରହିଛି । ସୁମାଣ୍ଡିରୁ ମିଳୁଥିବା ଲୁଣର ସଦୁପଯୋଗ କରି ସୋଡ଼ା କାରଖାନା ସ୍ଥାପନକରିବା ନମନ୍ତେ କେତେକ ଶିଳ୍ପଉଦ୍ୟୋକ୍ତା ଉଦ୍ୟମ ଚଳାଇଛନ୍ତି । ପରେ ପରଦ୍ୱୀପଠାରେ ଉତ୍ପାଦିତ ଲୁଣ ସଦୁପଯୋଗ କଗ୍ପିବ । ଏ ସମସ୍ତ ଶିଳ୍ প କାରଖାନା ପ୍ରତିଷ୍ଠା କଗ୍ପିବା ସଙ୍ଗେ ସଙ୍ଗେ ବଦେଶକୁ ରପ୍ତାନୀ କଗ୍ଯାଇ ପାରିବଇଲ ସାମଗ୍ରୀ ଉତ୍ପାଦନ କରିବାପାଇଁ ପାରଦ୍ୱୀପଠାରେ ବଇଲ୍ଲ ଶିଳ୍ପ କାରଖାନା ସ୍ଥାପନ କଗ୍ଯାଇପାରିବ । ପାରଦ୍ୱୀପ କେବଳ ସେ ଖରତରେ ପତ୍ତାପେକ୍ଷା ଗଣ୍ଡାରତମ ବନ୍ଦର ରାହାନୁଦ୍ଦି, ଏହା ସଙ୍ଗେ ସଙ୍ଗେ ଏଠାରେ ୪୦୦—୫୦୦ ଫୁଟ୍ସେଲ୍ ପର୍ଯ୍ୟନ୍ତ ମଧୁର ଜଳ ମିଳିଥାଏ । ତେଣୁ ଏହା ବଶେଷ ଉଲ୍ଲେଖଯୋଗ୍ୟ ।

ନସ୍ୱାଗଡ଼—ଝମକା-ଦୈତ୍ତାରୀ-ସୁକିନ୍ଦା-ପାରଦ୍ୱୀପ ଶିଳ୍ପ ବେଲ୍ଟ୍

କେନ୍ଦୁଝର ଜଲ୍ଲାର ଝୁମ୍ପୁରା ଗ୍ରାମ ନଜଝରଣୀ ନସ୍ୱାଗଡ଼ଠାରେ ଗୋଟିଏ କଞ୍ଚାଲୁହା କାରଖାନା ଅଥବା ଗୋଟିଏ ସମନ୍ୱିତ ଲୁହା ଏବଂ ଇସ୍ପାତ୍ କାରଖାନା ନର୍ମାଣ କରିବା ବଗରେ ବଶେଷ ସମ୍ଭାବନା ରହିଛି ବୋଲି ସ୍ୱତନ୍ତ୍ରଜ୍ଞମାନେ ମତ ସୁପାରିଶ କରିଛନ୍ତି । ଦୈତ୍ତାରୀ ନଦୀରେ ଯେଉଁ ଝାରପଡ଼ା ବନ୍ଧ ନର୍ମାଣର ପ୍ରସ୍ତାବ ରହିଛି ତାହା କାର୍ଯ୍ୟକାରୀ ହେଲେ ଉକ୍ତ କାରଖାନାପାଇଁ ଆବଶ୍ୟକୀୟ ଜଳ ମିଳିପାରିବ । ୨୨୦ କଲୋ ଭୋଲଟ୍ ଶକ୍ତି ଚାଲଚେରି-ଜୋଡ଼ା ଗ୍ରିଡ୍‌ରୁ ଏହି ଶିଳ୍ପ ନ୍ଦ ବଦ୍ୟୁତ୍ ଶକ୍ତି ଯୋଗାଇ ହୋଇପିବ । ଏହାଛଡ଼ା କଲ୍ଲେମିଟର ଦୂରରେ ଅବସ୍ଥିତ ମଲ୍ଲଜ୍ଞ ବ୍ଲକ୍‌ର ଲୁହାପଥର, ପଥାନ୍ତମେ ୨୮୦ ଓ କଲ୍ଲେମିଟର ଦୂରରେ ଅବସ୍ଥିତ ଝଖଅ ସମଗଡ଼ଠାରୁ କୋଇଲି, ୨୯୦ କଲୋମି ଦୂରରେ ଅବସ୍ଥିତ ସାରମିନ୍ଦପୁରରୁ ଚୂନପଥର ୫୦ କଲୋମିଟର ଦୂରରେ ଅବସ୍ଥିତ ଦଂଶ ଅଞ୍ଚଳରୁ ଯଥେଷ୍ଟ ପରିମାଣର ମାଙ୍ଗାନିଜ କାରଖାନା ନମନ୍ତେ ମିଳିପାରିବ । ସାରୁଆନ୍ଦୁ ଫୋମାଇଟ୍, ଝମକା-ଦୈତ୍ତାରୀ ଅଞ୍ଚଳର ଲୁହାପଥ କ୍ୱାରଟ୍ଜ୍ ଏବଂ ଅନ୍ୟାନ୍ୟ ଖଣିଜ ଦ୍ରବ୍ୟର ଉତ୍ପାଦ କରି ଝମକା-ଦୈତ୍ତାରୀ-ସୁକିନ୍ଦାରେ ମଧ୍ୟ ଏକ ସମନ୍ୱିତ ପ୍ରତିଷ୍ଠା କଗ୍ଯାଇ ପାରିବ । ଏହି ଅଞ୍ଚଳ ଯେଉଁ ପରିମାଣରେ ଫୋମାଇଟ୍ ଗଚ୍ଛିତ ଅ ସମଗ୍ର ଏସିଆ ମହାଦେଶରେ ଏଭଳି ଉ ଦୃଷ୍ଟିଗୋଚର ହୁଏନାହିଁ କହିଲେ ଅତ୍ୟୁକ୍ତି ହେ ନାହିଁ । ଫୋମାଇଟ୍ ଓ କ୍ୱାରଟ୍ଜାଇଟ୍ ଖ ଦ୍ରବ୍ୟର ସଦୁପଯୋଗ ନମନ୍ତେ ଏଠାରେ ଫେ ଫେରୋ-ଆଲଏ କାରଖାନା ସ୍ଥାପନ କରି ସେଥିନମନ୍ତେ ଚାଲଚେର ଶିଳ୍ପ ସମନ୍ୱୟରୁ ମି ମିଳିପାରିବ । ପ୍ରସ୍ତାବିତ ଚାଲଚେର ଶିଳ୍ପକାରଖାନା ଯେଉଁ ସବୁ ଯାନବାହନରେ ଲୁହାପଥର ପଠାଯିବ ସେସବୁ ପ୍ରତ୍ୟାବର୍ତ୍ତନ ସମୟରେ ସେଠାରୁ ଫେ ଆଣି ଫେରୋ-ଆଲଏ କାରଖାନାକୁ ଯୋଗାଇବେ ଏହି ଶିଳ୍ପାଞ୍ଚଳ ନଜଝରଣୀ ରେଳଷ୍ଟେସନ ଯାଉଛି ସେଉଠାରେ ଶିଳ୍ପ ଉନ୍ନୟନ କର୍ପୋରେସନ୍ ଗୋଟିଏ ଫେରୋ-ଫୋମ କାରଖାନା ନର୍ମିତ ହୋଇପା ପ୍ରସ୍ତାବ ରହିଛି । ଦୈତ୍ତାରୀରୁ ନଥିବା ଲୁହାପଥର ଫାଇଁ ପେଲେଟାଇଜ୍ କଗ୍ଯାଇପାରିବ । ବଦେଶକୁ ରପ୍ତା କରିବା ଉଦ୍ଦେଶ୍ୟରେ ଗୋଟିଏ ପେଲେଟାଇଜେ

କାରଖାନା ନିର୍ମାଣ କରିବା ନିମନ୍ତେ ହୋଇଥିବା ପ୍ରସ୍ତାବ ଚଢ଼ାନ୍ତ ହେବାକୁ ଯାଉଛି । ଏହି ଦୁଇ ଖଣିଜ ଦ୍ରବ୍ୟର ସୁବିଧା ଅନୁଯାୟୀ ସାରୁଆବଲ ଫୋମାଇଟ୍ ଓରକୁ ଏହି କାରଖାନାରେ ପେଲେଟ୍‌ରେ ପରିଣତ କରାଯିବ ।

ବ୍ରଜରାଜନଗର-ବ୍ରଜରାଜପୁର-ଝାରସୁଗୁଡ଼ା-ବଲାଙ୍ଗିର-ଟିକିଲିପଡ଼ା-ରାୟଗଡ଼ା-ଜୟପୁର ଶିଳ୍ପ ବେଲ୍ଟ୍

ଏହି ଅଞ୍ଚଳରେ ଉଚ୍ଚସ୍ତରୀୟ ଧାତବ ତଥା ରାସାୟନିକ ଶିଳ୍ପର ବିକାଶ ଦିଗରେ ବ୍ୟାପକ ସମ୍ଭାବନା ରହିଛି । ବ୍ରଜରାଜପୁର ଏବଂ ଝିଙ୍କି ନିକଟରେ ମିଳୁଥିବା ଚୂନପଥରର ସଦୁପଯୋଗ ନିମନ୍ତେ ବ୍ରଜରାଜପୁର ଓ ଝିଙ୍କି ଠାରେ ଯଥାକ୍ରମେ ମେସର୍ସ ଓଡ଼ିଶା ସିମେଣ୍ଟ ଏବଂ ଓଡ଼ିଶା ଶିଳ୍ପ ଅନୁସନ୍ଧାନ କରପୋରେସନ୍ ଉଦ୍ୟୋଗରେ ଦୁଇଟି ସିମେଣ୍ଟ କାରଖାନା ପ୍ରତିଷ୍ଠା କରାଯାଇଛି । ସୁନକ ଅଞ୍ଚଳରୁ ତଥା ମାଲକାନଗିରିରେ ମିଳୁଥିବା ଚୂନପଥରର ସଦୁପଯୋଗ ନିମନ୍ତେ କୋରାପୁଟ ଜିଲ୍ଲାରେ ମଧ୍ୟ ଅଧିକା କେତୋଟି ସିମେଣ୍ଟ କାରଖାନା ନିର୍ମାଣ କରାଯାଇପାରିବ । ଗୋଟିଏ କ୍ୟାଲସିପ୍ଲମ୍ କାରବାଇଡ୍ କାରଖାନା ପ୍ରତିଷ୍ଠା କରାଯାଇ କୋରାପୁଟରେ ମିଳୁଥିବା ଉନ୍ନତ ଜାତୀୟ ଚୂନପଥର ସଦୁପଯୋଗ କରାଯାଇ-ପାରିବ । ଏହାଛଡ଼ା ଗୋଟିଏ ବୃହତ୍ ଧରଣର ଆଲୁମୁନାପ୍ଲମ କାରଖାନା ନିର୍ମାଣ କରାଯାଇ କୋରାପୁଟ ଓ କଳାହାଣ୍ଡିରେ ମିଳୁଥିବା ଉତ୍କୃଷ୍ଟ ଜାତୀୟ ବକ୍ସାଇଟ୍ ସଦୁପଯୋଗ କରାଯାଇ ପାରିବ । ବାଲିମେଳା ଜଳ-ବିଦ୍ୟୁତ୍ ଯୋଜନାରୁ ଆବଶ୍ୟକୀୟ ପରିମାଣର ବିଦ୍ୟୁତ୍‌ଶକ୍ତି ଏହି କାରଖାନାକୁ ଯୋଗାଇ ଦିଆଯାଇ ପାରିବ । କୋରାପୁଟ ଜିଲ୍ଲାର ସିଙ୍ଗପୁର ନିକଟରେ ପ୍ରଚୁର ପରିମାଣର ଲୁହାପଥର ଗଚ୍ଛିତ ଥିବାର ଜଣା ପଡ଼ିଛି । ମାଲକାନଗିରି ଅଞ୍ଚଳରେ ମିଳୁଥିବା ଚୂନପଥର ଏବଂ ସିଙ୍ଗ୍ରାନ ଅଥବା ତାଳଚେରର କୋଳ ସଦୁପଯୋଗରେ ଗ୍ଲେଜ୍ ଗ୍ଲେଜ୍ ବ୍ଲାଷ୍ଟ ଫରନାସ ଦ୍ୱାରା ଉନ୍ନତ କସ୍ମର କଞ୍ଚାଲୁହା ଉତ୍ପାଦନ କରାଯାଇ ପାରିବ । ରାୟଗଡ଼ା ବ୍ଲକ୍‌ରେ ପ୍ରଚୁର ପରିମାଣର କ୍ୱାରଟ୍‌ଜାଇଟ୍ ଓ ମାଙ୍ଗାନିଜ ଧାତୁ ଗଚ୍ଛିତ ଅଛି । ଫେରୋ-ସିଲିକନ୍ ଓ ଫେରୋ-ମାଙ୍ଗାନିଜ୍ କାରଖାନା ଭଳି ଫେରୋ-ଆଲ୍‌ଏ କାରଖାନାମାନ ସେଠାରେ ନିର୍ମିତ ହୋଇପାରେ । ଖାଣ୍ଡି ସିଲିକନ୍, ସିଲିକନ୍ ଗ୍ଲାସ୍ ଆଦି ଉତ୍ପାଦନ କରିବା ଉଦ୍ଦେଶ୍ୟରେ କାରଖାନାମାନ ସ୍ଥାପନ କରିବା ଦିଗରେ ଯଥେଷ୍ଟ ସୁବିଧା ରହିଛି ।

ଏହି ଅଞ୍ଚଳଟି ଦଣ୍ଡକାରଣ୍ୟ ଯୋଜନା କାର୍ଯ୍ୟକାରୀ ହେଉଥିବା ଅଞ୍ଚଳର ଏକ ଅଂଶ । ଯୋଜନା କମିଶନ ପ୍ରତିଦେସ୍ଥା ଡ଼କ୍‌ଟର ଏ. ନାଗଚ୍ଚନ ଗୁପ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଆନୁଧାନକାରୀ ଇଦ୍ରାବତୀ ଅବବାହିକା ଅଞ୍ଚଳର ବୈଷୟିକ ତଥା ଅର୍ଥନୈତିକ ଅନୁଧାନ କରିଥିଲେ । ଏହି ଅନୁଧାନକାରୀଙ୍କ ମତରେ ଉକ୍ତ ଅଞ୍ଚଳଟି ଜଙ୍ଗଲ ସମ୍ପଦରେ ପରିପୂର୍ଣ୍ଣ । ଏହି ଅଞ୍ଚଳରେ ଗୋଟିଏ କେନ୍ଦ୍ରୀୟ କାଗଜମଣ୍ଡ ତିଆରି କାରଖାନା, ଗୋଟିଏ ରୟନ୍ ଜାତୀୟ କାଗଜ କାରଖାନା ଅଥବା ଗୋଟିଏ ନ୍ୟୁଜପ୍ରିଣ୍ଟ କାଗଜକଳ, ବୋର୍ଡ-ବୋର୍ଡ ତିଆରିପାଇଁ ଗୋଟିଏ କାରଖାନା, କମରସିଆଲ୍ ପ୍ଲାଇ ତଥା ଫ୍ଲସ୍ ଡୋର ତିଆରିପାଇଁ ଗୋଟିଏ କାରଖାନା, ଗୋଟିଏ ପାରଟିକ୍ଲ ବୋର୍ଡ ପ୍ଲାଣ୍ଟ (ଚପ୍ ବୋର୍ଡ ପ୍ଲାଣ୍ଟ) ଇତ୍ୟାଦି ସ୍ଥାପନ କରିବା ନିମନ୍ତେ ଯଥେଷ୍ଟ ସୁବିଧା ରହିଛି । ଓଡ଼ିଶାରେ ଜଙ୍ଗଲ ସମ୍ପଦର ଉପଯୋଗ ନିମନ୍ତେ ଶିଳ୍ପ ପ୍ରତିଷ୍ଠା ସମ୍ପର୍କରେ ଆଲୋଚନା ହୋଇଥିବା ବେଳେ କାଗଜ ସ୍ପୋଗ ବ୍ଲକ ଅର୍ଥନୈତିକ ଗବେଷଣା ପରିଷଦ ମଧ୍ୟ ତଦନୁରୂପ ମନ୍ତବ୍ୟରେ ପହଞ୍ଚିଛନ୍ତି । ଓଡ଼ିଶାର ୨୫,୦୦୦ ବର୍ଗମାଇଲ ବ୍ୟାପୀ ଅଞ୍ଚଳ ଜଙ୍ଗଲରେ ପରିପୂର୍ଣ୍ଣ । ଏହା ରାଜ୍ୟର ମୋଟ କ୍ଷେତ୍ରଫଳର ପ୍ରାୟ ଏକ ତୃତୀୟାଂଶ ଅଟେ । ଓଡ଼ିଶାର

ଜଙ୍ଗଲରୁ ପ୍ରତିବର୍ଷ ୧୭·୭ ନିୟୁତ ଘନଫୁଟ କାଠ (ଟିମ୍ବର) ଉତ୍ପାଦିତ ହୋଇଥାଏ । ଏଥିମଧ୍ୟରୁ ୭·୪ ନିୟୁତ ଘନଫୁଟ କାଠ ଗୃଜ୍ୟ ବାହାରକୁ ଯୋଗାଇ ଦିଆଯାଇଥାଏ। ଏ ଗୃଜ୍ୟ ମଧ୍ୟରେ ବାର୍ଷିକ ୫·୭ ନିୟୁତ ଘନଫୁଟ କାଠ ବ୍ୟବହୃତ ହୁଏ। ଏହା ଛଡ଼ା ବର୍ତ୍ତମାନ ବାର୍ଷିକ ୧୮୦,୦୦୦ ଟନ ବାଉଁଶମଧ୍ୟ ଗୃଜ୍ୟରୁ ଉତ୍ପାଦିତ ହୁଏ । ଏଥିମଧ୍ୟରୁ ଗୃଜ୍ୟ ମଧ୍ୟରେ ମାତ୍ର ୫୦,୦୦୦ ଟନ ବାଉଁଶ କାଗଜ ନିଆଣରେ ସଦୁପଯୋଗ ହୋଇଥାଏ । ଗୃଜ୍ୟ ଜଙ୍ଗଲ ବ୍ୟତୀତ ହୋଇଥିବା ସର୍ଭେରୁ ଜଣାଯାଏ ଯେ ଗୃଜ୍ୟରେ ୫୫୫,୦୦୦ ଟନ ବାଉଁଶ ଉତ୍ପାଦିତ ହେବାର ସମ୍ଭାବନା ରହିଛି । କେବଳ କାଗଜ ଉତ୍ପାଦନ କ୍ଷେତ୍ରରେ ହିଁ ଏ ପର୍ଯ୍ୟନ୍ତ ଜଙ୍ଗଲ ସମ୍ପଦର ସଦୁପଯୋଗ କରାଯାଇଛି । ଗୃଜ୍ୟର କାଗଜ ଶିଳ୍ପର ଅବସ୍ଥା ନିମ୍ନରେ ପ୍ରଦତ୍ତ ହେଲା—

ପ୍ଲାଣ୍ଟ୍ (୧)	ଲାଇସେନ୍ସ ପ୍ରାପ୍ତ କ୍ଷମତା (୨)	ଶ୍ରେଣୀ (୩)	ଅଗ୍ରଗତି (୪)
୧ । ଓରିଏଣ୍ଟ କାଗଜକଳ ..	୬୮,୦୦୦	କାଗଜ ଓ କାଗଜ ବୋର୍ଡ	କାମ୍ପ୍ୟୁଟାର୍ସ ହୋଇ ସାରିଛି ।
୨ । ଟିକାରଡ଼ା କାଗଜକଳ ...	୧୮,୦୦୦	କାଗଜ ...	୧୯୬୦ରେ ଉତ୍ପାଦ ଆରମ୍ଭ ହୋଇଛି
୩ । ଷ୍ଟ୍ରା ପ୍ରୋଡକ୍ଟ୍ ...	୧୮,୦୦୦	ଲେଖା ଓ ଛପା କାଗଜ	୧୯୬୨ରେ ଉତ୍ପାଦ ଆରମ୍ଭ ହୋଇଛି

ଉପରୋକ୍ତ କାଗଜ ଶିଳ୍ପ ପାଇଁ ବାର୍ଷିକ ୧୨୫,୦୦୦ ଟନ ବାଉଁଶ ଆବଶ୍ୟକ ପଡ଼ିବ । ତେଣୁ କାଗଜ ମଣ୍ଡ ଓ କାଗଜ ଉତ୍ପାଦନ ନିମନ୍ତେ ବାଉଁଶ ସମ୍ପଦର ସଦୁପଯୋଗ କରିବା ଦିଗରେ ଆହୁରି ଅଧିକ ସୁଯୋଗ ରହିଛି । ଅନ୍ୟାନ୍ୟ କାଠ ମଧ୍ୟରେ ମୁଖ୍ୟତଃ ଶାଳକାଠ ମଧ୍ୟ କାଗଜ ଓ କାଗଜ ମଣ୍ଡ ଉତ୍ପାଦନ କରିବା ଦିଗରେ ବ୍ୟବହୃତ ହୋଇପାରିବ । ନାଗଗ୍ରଜ କମିଟିଙ୍କ ସୁପାରିଶ କ୍ରମେ ଜଙ୍ଗଲ ସମ୍ପଦର ସଦୁପଯୋଗ ଉଦ୍ଦେଶ୍ୟରେ ବଇନ୍ଧ ଶିଳ୍ପକାରଖାନା ଗୃଜ୍ୟ ମଧ୍ୟରେ ବ୍ୟତୀତ କରି ଇନ୍ଦ୍ରବତ୍ତୀ ଅବବାହିକା ଅଞ୍ଚଳରେ ପ୍ରତିଷ୍ଠା କରାଯାଇ ପାରିବ ।

ମୟୂରଭଞ୍ଜ ଶିଳ୍ପ ଜୋନ୍

ମୟୂରଭଞ୍ଜ ଜିଲ୍ଲାରେ କ୍ୱାରଟ୍ଜ ଜାଇଟ୍ ଓ ଗ୍ରାନାଡ଼ ଫେଲ୍ସପ୍ ପଥର ମିଳିଥାଏ । ତେଣୁ ସିଆଲନୋଇ ଓ ଫେରୋ ସିଲିକନ୍ ଶିଳ୍ପ ପାଇଁ ଏହି ଜିଲ୍ଲା ଉପଯୋଗୀ ହୋଇଥାଏ । ଏଠାରେ ଜଳବିଦ୍ୟୁତ୍ ଶକ୍ତି ଯୋଗାଣ ମଧ୍ୟ ସୁବିଧାଜନକ ହୋଇପାରିବ । ବସନ୍ତପୁର ଅଞ୍ଚଳରେ ମିଳୁଥିବା ବଇନ୍ଧ ଆକାର ଗ୍ରାନାଡ-ଫେଲ୍ସପ୍ ମାଗ୍ମାଟାଇଟ୍ ସଦୁପଯୋଗରେ ଫେରୋ ଫେଲ୍ସ ଗ୍ରାନାଡ଼ୁଲ୍ୟ୍ କାରଖାନା ସ୍ଥାପନ କରିବାର ସମ୍ଭାବନା ରହିଛି । ଏହି ଗ୍ରାନାଡ ଫେଲ୍ସପ୍ ମାଗ୍ମାଟାଇଟ୍ ପଥରରେ ଶତକଡ଼ା ୧ ଭାଗ ଗ୍ରାନାଡ୍ୟ ରହିଛି । ଏହି ଅଞ୍ଚଳରେ ଉଚ୍ଚକୃଷ୍ଟ ଧରଣର କ୍ୱାର୍ଟ୍ଜ ଜାଇଟ୍, ଫାସ୍ପାର ଚକ୍ଲ ଓ ଶଳାମାଟି ମିଳିଥାଏ । ଏ ଅଞ୍ଚଳରେ ଗୋଟିଏ କାଚ ତଥା ମୃଣ୍ମୟ ଶିଳ୍ପ ଅନ୍ତେଲ୍ଲଣରେ ସ୍ଥାପନ କରାଯାଇ ପାରିବ ।

ଗଞ୍ଜାମ କିଲ୍ ଶିଳ୍ପ ଜୋନ୍

ଗଞ୍ଜାମ ଜିଲ୍ଲାର ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରଚୁର ଲୁଣ କାରଖାନା ପୋଷୁଁ ସୋଡ଼ା ଖାର ଓ କ୍ଲୋରାଇଡ୍ କାରଖାନା ଆଦି ସ୍ଥାପନ କରିବା ଦିଗରେ ବହୁତ ସୁବିଧା ରହିଛି । ବାର୍ଷିକ ୧,୫୦,୦୦୦ ଟନ ଲିଟ୍

ଶିଳ୍ପ ବନ୍ଧୁଗ ଡ଼ରେକ୍ଟରଙ୍କ ନକଟକୁ ଦରଖାସ୍ତ କରି ପାରିବେ । ଶିଳ୍ପ କାରଖାନା ନମନ୍ତେ ସେମାନେ କେତେ ପରିମାଣର ଜଳ ଓ ବିଦ୍ୟୁତ୍‌ଶକ୍ତି ଗ୍ରହାନ୍ତି, ସେ ସମସ୍ତ ବିବରଣୀ ଦରଖାସ୍ତରେ ଉଲ୍ଲେଖ କରିବା ଆବଶ୍ୟକ । ଶିଳ୍ପ କାରଖାନା ପ୍ରତିଷ୍ଠା ନମନ୍ତେ ସୁକର ମୂଲ୍ୟରେ ଜମି ଯୋଗାଇ ଦିଆଯିବ ।

(ଖ) ଆର୍ଥିକ ସାହାଯ୍ୟ—୧୯୫୭ ମସିହା ମାର୍ଚ୍ଚ ମାସରେ ପ୍ରତିଷ୍ଠା କରାଯାଇଥିବା ଓଡ଼ିଶା ରାଜ୍ୟ ଅର୍ଥ କରପୋରେସନ୍ ଦ୍ୱାରା ବଇନ୍ଧ ଶିଳ୍ପ କାରଖାନାଗୁଡ଼ିକୁ ଆର୍ଥିକ ସାହାଯ୍ୟ ଦିଆଯାଇଥାଏ । ଏହି କରପୋରେସନ୍‌ର ଷମତାପ୍ରାପ୍ତ ଅଂଶ ମୂଲଧନର ପରିମାଣ ୨ କୋଟି ଟଙ୍କା ଅଟେ, ଏଥାର ଆଦାଯୀ (ପେଡ୍-ଅପ୍) ଅଂଶ ମୂଲଧନର ପରିମାଣ ଦେଢ଼ ୧ କୋଟି ଟଙ୍କା । ଓଡ଼ିଶାରେ ଶିଳ୍ପକାରଖାନା ପ୍ରତିଷ୍ଠା ଏବଂ ସମ୍ପ୍ରସାରଣ କରିବା ନମନ୍ତେ କରପୋରେସନ୍ ଆର୍ଥିକ ସାହାଯ୍ୟ ପ୍ରଦାନ କରିଥାଏ । ଏହି ସାହାଯ୍ୟ ମଧ୍ୟମ ତଥା ଦୀର୍ଘ ମିଆଦୀ ଋଣ ଆକାରରେ ଦିଆଯାଇଥାଏ । ୧୦ ବର୍ଷରୁ ୧୨ ବର୍ଷ ମଧ୍ୟରେ ଏହି ଋଣ ପରିଶୋଧ କରିବାକୁ ପଡ଼ିଥାଏ । କେତେକ ସ୍ୱତନ୍ତ୍ର ପରିସ୍ଥିତିରେ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କରିବା ନମନ୍ତେ ପବ୍ଲିକ୍ ଲିମିଟେଡ୍ କମ୍ପାନୀମାନଙ୍କ ଦ୍ୱାରା ଛଡ଼ା ଯାଉଥିବା ଅଂଶ ନମନ୍ତେ କରପୋରେସନ୍ ଦାସ୍ତ ଗ୍ରହଣ କରିଥାଏ । ପବ୍ଲିକ୍ ଲିମିଟେଡ୍ କମ୍ପାନୀ ଏବଂ ସମବାସ୍ତ ସମିତିମାନଙ୍କୁ କରପୋରେସନ୍ ଟ ୨୫,୦୦୦ ରୁ ୨୦ ଲକ୍ଷ ଟଙ୍କା ଯାଏ ଋଣ ପ୍ରଦାନ କରିଥାଏ । ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ, ଗ୍ରୁପଦାର୍ଘ (ପାର୍ଟନର ସିପ୍) ଓ ଯୌଥ ହିନ୍ଦୁ ପରିବାର ସଂସ୍ଥା ଗୁଡ଼ିକୁ ୧୦ ଲକ୍ଷ ଟଙ୍କା ଯାଏ ଋଣ ଯୋଗାଇ ଦିଆଯାଇଥାଏ । ବନ୍ଧକ ଦ୍ୱାରା ଓ କାରଖାନା ସମ୍ପତ୍ତି, ବନ୍ଧକ ରଖି ଋଣ ପ୍ରଦାନ କରାଯାଏ । କେତେକ ଷେତ୍ରରେ ପରିଶ୍ରମ (କୋଲ୍‌ଟେରାଲ୍) ସମ୍ପତ୍ତି ବନ୍ଧକ ରଖି ଋଣ ଦିଆଯାଇଥାଏ । ସାଧାରଣତଃ ବନ୍ଧକ ଆକାରରେ ଦିଆଯାଉଥିବା ସମ୍ପତ୍ତି ମୂଲ୍ୟର ଶତକଡ଼ା ୫୦ ଭାଗ

ଦାରଖାନାରେ ବ୍ୟବହୃତ ଲୁଣ ଉତ୍ପାଦନ ନମନ୍ତେ ଡ଼ିଶାରେ ଶିଳ୍ପ ଉନ୍ନୟନ କରପୋରେସନ୍ ସୁମାର୍ଣ୍ଡି-ାରେ ଗୋଟିଏ ଲୁଣ କାରଖାନା ପ୍ରତିଷ୍ଠା କରିଛନ୍ତି । ପ୍ରଚଳିତ ଷୋପ୍ଟୋ କୋଷ୍ଟାସ୍ଥ ପ୍ରଣାଳୀରେ ସୋଡ଼ା ାର ଓ ଆମୋନିୟମ୍ କ୍ଲୋରାଇଡ୍ ଉତ୍ପାଦନ କରିବା ଗରେ ଏହି ଲୁଣ କାରଖାନା ମୌଳିକ ଶିଳ୍ପ ରୂପେ ିଦ୍ଧାସ୍ତ କରିବ । ଛତ୍ରପୁରଠାରେ ଜସ୍ତ୍ରଣ କେମି-ାଲସ୍ ଦ୍ୱାରା ଗୋଟିଏ କଷ୍ଟିକ୍‌ସୋଡ଼ା କାରଖାନା ପ୍ରତିଷ୍ଠା କରାଯାଇଛି । ଏହି କାରଖାନାରୁ ମିଳୁଥିବା ୍ଲୋରିନ୍ ଉପଜାତ ଦ୍ରବ୍ୟରେ କୀଟାଣୁନାଶକ ଓ ଘାସାସ୍ଥନକ ିଳ୍ପ ମଧ୍ୟ ପ୍ରତିଷ୍ଠା କରାଯାଇ ପାରିବ ।

ଶିଳ୍ପ କାରଖାନାଗୁଡ଼ିକୁ ଉତ୍ସାହ ପ୍ରଦାନ

(କ) ଶିଳ୍ପାଞ୍ଚଳ ପ୍ରତିଷ୍ଠା ପରିକଳ୍ପନା—ବଡ଼ ବଡ଼ ଶିଳ୍ପ କାରଖାନା ପ୍ରତିଷ୍ଠା କରିବା ଦିଗରେ ଉତ୍ସାହ ପ୍ରଦାନ କରିବା ସଙ୍ଗେ ସଙ୍ଗେ ସେସବୁକୁ ଉପଯୁକ୍ତ ସ୍ଥାନ ଯୋଗାଇଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ପଞ୍ଚମ ଯୋଜନା କାଳରେ ରାଜ୍ୟର ବଡ଼ ବଡ଼ ଶିଳ୍ପ ପ୍ରଧାନ୍ୟ ସହରାଞ୍ଚଳମାନଙ୍କରେ ଶିଳ୍ପାଞ୍ଚଳମାନ ପ୍ରତିଷ୍ଠା କରିବାପାଇଁ ଲକ୍ଷ୍ୟ ରଖିଛନ୍ତି । ତଦନୁସାରେ ରାଉରକେଲ୍ଲାଠାରେ ୫୫୦ ଏକର, ଝାରସୁଗୁଡ଼ାଠାରେ ୨୫୦ ଏକର, ତାଳଚେରଠାରେ ୨୦୦ ଏକର ଏବଂ ସୁନାବେଡ଼ାଠାରେ ୨୦୦ ଏକର ପରିମିତ ଅଞ୍ଚଳର ବିକାଶ ଘଟାଇବା ପାଇଁ ପ୍ରସ୍ତାବ ରଖାଯାଇଛି । ଏ ସମସ୍ତ ଞ୍ଚଳରେ ଯେଉଁ ଶିଳ୍ପ କାରଖାନା ପ୍ରତିଷ୍ଠା କରିଯିବ, ସେ ସବୁକୁ ଯଥେଷ୍ଟ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆ-ିବାର ବ୍ୟବସ୍ଥା ରହିବ । ଏହାଛଡ଼ା ଏହି ଶିଳ୍ପ ାରଖାନାର ଗୃହନିର୍ମାଣରେ ଜଳ ଯୋଗାଇ ଦିଆଯିବ ଏଥିବା ଜଳଯୋଗାଣର ବ୍ୟବସ୍ଥା କରିଯିବ । ଉପରୋକ୍ତ ଞ୍ଚଳରେ ଜମି ଦଖଲ କରିବା ସକାଶେ କାର୍ଯ୍ୟାନୁଷ୍ଠାନ ରିସରିଛି । ଯେଉଁ ଶିଳ୍ପ ଉଦ୍ୟୋକ୍ତାମାନେ ଆଗାମୀ ଦିନରେ ଜମି ନେବାପାଇଁ ଇଚ୍ଛା କରିଛନ୍ତି, ସେମାନେ କଟକସ୍ଥିତ

ପର୍ଯ୍ୟନ୍ତ ଋଣ ଦିଆଯାଏ । କିନ୍ତୁ କେତେକ କ୍ଷେତ୍ରରେ ଶିଳ୍ପକାରଖାନାକୁ ଗୃହିଁ କାରଖାନା ସମ୍ପତ୍ତି ମୂଲ୍ୟର ଶତକଡ଼ା ୭୦ ଭାଗ ପର୍ଯ୍ୟନ୍ତ ଋଣ ଦିଆଯାଇଥାଏ । ବର୍ତ୍ତମାନ ଶତକଡ଼ା ୮ ୧/୨ ଭାଗ ସୁଧରେ ଋଣ ଦିଆଯାଉଛି । କରପୋରେସନକୁ ନ୍ୟୁନିତ ସ୍ତରେ ଋଣ ପରିଶୋଧ କଲେ ଶତକଡ଼ା ୧/୨ ଭାଗ ଦିଆଦି ଦିଆଯାଏ ।

"ଷ୍ଟେଟ୍-ଏଡ୍ ଟୁ ଇଣ୍ଡଷ୍ଟ୍ରିଜ୍ ଆକ୍ଟ" ଅନୁଯାୟୀ ମଧ୍ୟ ରାଜ୍ୟ ସରକାର ଋଣ ପ୍ରଦାନ କରିଥାନ୍ତି । ଏହି ଆଇନ୍ ଅନୁଯାୟୀ ଶିଳ୍ପ ବୋର୍ଡ (ଇଣ୍ଡଷ୍ଟ୍ରିଜ୍ ବୋର୍ଡ)ଙ୍କ ସୁପାରିଶ କ୍ରମେ ଶିଳ୍ପ ବାବଦ ଡିରେକ୍ଟରଙ୍କ ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ ଋଣ ମଞ୍ଜୁର କରିଥାନ୍ତି । ଏହି ଋଣ ନିମନ୍ତେ ଶତକଡ଼ା ୭ ୧/୨ ହାରରେ ସୁଧ ଦେବାକୁ ପଡିଥାଏ । ନ୍ୟୁନିତ ସ୍ତରେ ଋଣ ପରିଶୋଧ କଲେ ଶତକଡ଼ା ୧/୨ ଭାଗ ରିହାତି ମିଳେ ।

ଅଂଶ ମୂଲଧନରେ ଅର୍ଥ ବିନିଯୋଗ କରି ଶିଳ୍ପ-କାରଖାନା ପ୍ରତିଷ୍ଠା କରିବା ଦିଗରେ ରାଜ୍ୟ ସରକାର ସହଯୋଗ କରିଥାନ୍ତି । ସାଧାରଣତଃ କ୍ୟୁମୁଲେଟିଭ୍ ପ୍ରିଫେରେନ୍ସ ସେୟାର କମ୍ବା ଇକ୍ୟୁଟି ସେୟାର୍‌ରେ ଏହି ଅର୍ଥ ବିନିଯୋଗ କରିଥାନ୍ତି ।

ଶିଳ୍ପକାରଖାକୁ ଉତ୍ସାହିତ କରିବା ନିମନ୍ତେ ଦିଆଯାଉଥିବା ଅନ୍ୟାନ୍ୟ ସୁବିଧା :—ବଡ଼ଯନ୍ତ୍ର ଶିଳ୍ପ-କାରଖାନା ପ୍ରତିଷ୍ଠା କରିବା ଦିଗରେ କେତେଦୂର ସମ୍ଭାବନା ରହିଛି, ସେ ସଂକ୍ରାନ୍ତ ରିପୋର୍ଟ ପ୍ରସ୍ତୁତ କରିବାପାଇଁ ଆର୍ଥିକ ସାହାଯ୍ୟ ପ୍ରଦାନ କରିବା ନିମନ୍ତେ ରାଜ୍ୟ ସରକାର ରାଶିର ସ୍ତବକ ଛନ୍ତା କରୁଛନ୍ତି । ଶିଳ୍ପ ସଂକ୍ରାନ୍ତ ପରାମର୍ଶ ଦେବାପାଇଁ ଗୋଷ୍ଟିଏ ପ୍ରୋଜେକ୍ଟ ସେଲ ମଧ୍ୟ ପ୍ରତିଷ୍ଠା କରାଯାଇଛି । ବଡ଼ ବଡ଼ ଶିଳ୍ପ କାରଖାନା ପ୍ରତିଷ୍ଠା ନିମନ୍ତେ ରାଜ୍ୟ ପୁଲିସର ସହଯୋଗ କାର୍ଯ୍ୟ ଏହି ସଂଗଠନ ମାଧ୍ୟମରେ

ନେବେ । ଏଡ଼ାଛଡ଼ା ବଡ଼ଯନ୍ତ୍ର ଶିଳ୍ପ କ୍ଷେତ୍ରରେ ସମ୍ଭାବନା ସମ୍ପର୍କରେ ଏକ ରିପୋର୍ଟ ପ୍ର କରିବେ । ଦେଶର ଯେଉଁ ଅଞ୍ଚଳ ରାଜ୍ୟରେ ରାଜ୍ୟ କ୍ରୟ ସଂଗଠନ ଗଠନ ସେଥି ମଧ୍ୟରେ ଓଡ଼ିଶା ଅନ୍ୟତମ । ଏହି କ୍ରୟ ରାଜ୍ୟର ବଡ଼ଯନ୍ତ୍ର ଶିଳ୍ପକୁ କ୍ରୟବିକ୍ରୟ ସଂକ୍ରା ତଥ୍ୟ ଯୋଗାଇ ଦେଇ ପାରିବେ । ଏ ଡିପ୍ରୋକଲ୍ ଡାଇରେକ୍ଟରର ମ୍ୟାନେଜ୍‌ମେ ପ୍ରଣାଳୀରେ ଏହି ରାଜ୍ୟ କ୍ରୟ ସଂଗଠନର କା କରିପାରିଛୁ । ରାଜ୍ୟର କ୍ଷୁଦ୍ର ଶିଳ୍ପ କାରଖାନାମା ଉତ୍ପାଦିତ ସାମଗ୍ରୀ ଅଧିକ ବିକ୍ରି ବଟା ସଂଗଠନ ବିଶେଷ ସହାୟତା କରିଛୁ । ବିକ୍ରୟ କେତେକ ରିହାତି ଦେବା ସଙ୍ଗେ ସଙ୍ଗେ ବିଦ୍ୟୁତ୍‌ଚାଳିତ ବ୍ୟବହୃତ କରୁଥିବା ଶିଳ୍ପଗୁଡ଼ିକୁ ଟିକସରେ ମଧ୍ୟ ରିହାତି ଦେବା ସଂକ୍ରାନ୍ତ ସରକାରଙ୍କର ବିଚାରାଧୀନ ଅଛି । ନିକଟରେ ଏ ପ୍ରସ୍ତାବ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ ଏବଂ ଶିଳ୍ପ ମାଲ ସଂକ୍ରାନ୍ତ ପ୍ରସ୍ତାବରେ କରିପାରିବ ।

ସିଣ୍ଡ୍ରେଲା ଆଜି ଜାଗ୍ରତ

ଉପରୋକ୍ତ ଅନୁଶୀଳନରୁ ସ୍ପଷ୍ଟ ପ୍ର ଓଡ଼ିଶାରେ ବଡ଼ଯନ୍ତ୍ର ନୂଆ ନୂଆ ଶିଳ୍ପକାରଖାନା କରିବା ଦିଗରେ ବିପୁଳ ସମ୍ଭାବନା ରହିଛୁ । ସମ୍ଭାବନା ସତ୍ତ୍ୱେ ସରକାର ପାଣ୍ଠି ଏତେ ପର୍ଯ୍ୟା ପ୍ରତ୍ୟେ ପରିମାଣର କେପରି ମୂଳଧନ ବି ଓଡ଼ିଶାରେ ନୂଆ ନୂଆ ଶିଳ୍ପକାରଖାନା ପ୍ରତିଷ୍ଠା ରାଜ୍ୟର ଶିଳ୍ପ ସମ୍ଭାବନାର ପୂର୍ଣ୍ଣ ସଦୁପଯୋଗ ଏକାନ୍ତ ପ୍ରୟୋଜନ । ରାଜ୍ୟ ସରକାର ଘରୋଇ ଉତ୍ସାହିତ କରିବା ଭବିଷ୍ୟତରେ କୋଢ଼ଳ ଅନୁସରଣ କରିବା ସଙ୍ଗେ ସଙ୍ଗେ ରାଜ୍ୟର ବିଦ୍ୟୁତ

ନାନ୍ ଓ ବେଲ୍‌ଝରେ ଶିଳ୍ପକାରଖାନା ସ୍ଥାପନ କରିବା ପାଇଁ ବେସରକାରୀ ଶିଳ୍ପ ଉଦ୍ୟୋକ୍ତାମାନଙ୍କୁ ଆମନ୍ତ୍ରଣ କରୁଛନ୍ତି । ଶିଳ୍ প্রସାର ନିମନ୍ତେ ଉପଯୁକ୍ତ ସମ୍ଭାବନା ଥିବାରୁ ଓଡ଼ିଶା ସରକାର ସଦାସର୍ବଦା ସହରର

"ସିଣ୍ଡ୍ରେଲ୍ଲା" ରୂପେ ପରିଗଣିତ ହୋଇ ଆସିଛି । ଆଜି ସିଣ୍ଡ୍ରେଲ୍ଲା ପୁଣି ଜାଗ୍ରତ ହେବା ସଙ୍ଗେ ସଙ୍ଗେ ଏହି ସୁକଣ୍ଠି ସୁଯୋଗର ସଦୁପଯୋଗ କରିବାପାଇଁ ଶିଳ୍ପ ଉଦ୍ୟୋକ୍ତାମାନଙ୍କୁ ସେ ଆହ୍ୱାନ କରୁଛି ।

———



GIVE NEW LIFE TO YOUR OLD CAR

FOR MILES AND MILES
OF COMFORTABLE AND
TROUBLE FREE DRIVING

USE SPARK BATTERY

SPARK BATTERY MANUFACTURING WORKS, LTD.
INDUSTRIAL ESTATE
CUTTACK.3

Phone : 155.

Gram EASBICO

SPARK BATTERY

ଓଡ଼ିଶାର ଖଣିଜ ସମ୍ପଦ

ଓଡ଼ିଶା ଜନତାର ସଂସ୍କୃତି, ଧର୍ମ୍ମ ଓ ସ୍ଥାପତ୍ୟ ଲଗି ବହୁ ଯୁଗରୁ ପରିଚିତ । ଭୁବନେଶ୍ୱର, କୋଣାର୍କ ଓ ପୁରୀଠାରେ ଥିବା ମନ୍ଦିରରୂପି ମହାନ୍ କୀର୍ତ୍ତିଗୁଡ଼ିକ ପ୍ରାଚୀନ ଓଡ଼ିଶାର ଅଧିବାସୀମାନଙ୍କ ସଫଳତା ସମ୍ପର୍କରେ ଯଥେଷ୍ଟ ସୂଚନା ଦିଏ । କୋଣାର୍କର ସୂର୍ଯ୍ୟମନ୍ଦିର ଓ ପୁରୀ ଜଗନ୍ନାଥ ମନ୍ଦିରରେ ବ୍ୟବହୃତ ଲୁହା କଡ଼ଗୁଡ଼ିକ ଦେଖିଲେ ପଶାପାଏ ଯେ, ଏ ସବୁର ଲୋକମାନଙ୍କର ଲୌହ ଧାତୁବ ବିଦ୍ୟା ସମ୍ପର୍କରେ ବେଶ ଧାରଣାଥିଲା । ଉ ବଲ୍‌ଙ୍କ ମତରେ ସମଗ୍ର ଭାରତରେ ବାଲେଶ୍ୱର ସମ୍ଭବତଃ ଏକମାତ୍ର ସ୍ଥାନଥିଲା, ଯେଉଁଠାରେ କ ପ୍ରୋଟେରୀସ୍ ପଦ୍ଧତିରେ ଲୌହ ଉତ୍ପାଦନ କରାଯାଉଥିଲା । ରାଜ୍ୟର ସମସ୍ତ ନଈ ପଠାରୁ ସ୍ୱର୍ଣ୍ଣ କଣିକା ସଂଗ୍ରହ କରାଯାଉଥିଲା ।

୧୬୭୭ ମସିହାରେ ସ୍ୱୀକୃତରୁ ସ୍ୱୀକୃ ମିଳୁଥିବାର ଜଣାଯାଏ ।

ଅନୁସନ୍ଧାନ ଓ ଆବିଷ୍କାର

୧୮୨୭ ମସିହାରେ ତାଳଚେରଠାରେ କୋଇଲି ଆବିଷ୍କାର ହେଉଛି ରାଜ୍ୟର ସର୍ବପ୍ରଥମ କୃତ୍ରିଉଧରଣର ଆବିଷ୍କାର । ମୟୂରଭଞ୍ଜ ଜିଲ୍ଲାର ଗୋରୁ ମହିଷାଣୀଠାରେ ସ୍ତରର ଲୁହା ପଥର ରହିଥିବା ବିଷୟ ୧୯୦୩ ମସିହାରେ ଜଣା ପଡିଥିଲା ଓ ତାହାର ଫଳରେ କାମସେଦପୁରଠାରେ ଲୌହ ଓ ଇସ୍ପାତ୍ କାରଖାନା ସ୍ଥାପନ କରାଯାଇଥିଲା । ଦେଶର ଖଣିଜସମ୍ପଦ ଆବିଷ୍କାର ଓ ଶିଳ୍ପ ଉନ୍ନୟନ ଇତିହାସରେ ଏହା ଏକ ବିଶେଷ ଘଟଣା ରୂପେ ପରିଗଣିତ ହୋଇଛି । କଣାଇ-କେନ୍ଦୁଝର ଅଞ୍ଚଳରେ ସ୍ତରର ପରିମାଣରେ ଲୁହା ଓ ମାଙ୍ଗାନିଜ ପଥର ରହିଥିବା ବିଷୟ ୧୯୨୨—୨୫ ମସିହାରେ ଜଣାପଡ଼ିଥିଲା । ୧୯୩୯ ମସିହାଠାରୁ ସରକାର ଉତ୍ତର ଅନୁସନ୍ଧାନ ସଂସ୍ଥା ଧାରବାହିକ ଭାବରେ ଅନୁସନ୍ଧାନ କାର୍ଯ୍ୟ ଆରମ୍ଭ କରିଥିଲେ । ସରକାରୀ ଭତ୍ତର ସଂସ୍ଥା ତଥା ବ୍ୟକ୍ତିଗତ ସଂସ୍ଥାରେ କାର୍ଯ୍ୟକରୁଥିବା ଭୂତତ୍ତ୍ୱବିତ୍‌ମାନଙ୍କ କଠୋର ଓ ଅକ୍ଲାନ୍ତ ପରିଶ୍ରମ ଫଳରେ ଓଡ଼ିଶା ଓ ପ୍ରତ୍ୟନ୍ତ ଦେଶୀୟରାଜ୍ୟମାନଙ୍କରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣିଗୁଡ଼ିକ ଉପରେ ଆଲୋକପାତ କରିଥିଲେ । ଏହି ପ୍ରସଙ୍ଗରେ କୋରାପୁଟ ଜିଲ୍ଲାର ଚୂନପଥର ଖଣି, କଟକ ଜିଲ୍ଲା ସୁକିନ୍ଦା ଅଞ୍ଚଳର ଲୁହାପଥର ଖଣି ଓ କେଉଁଝର ଜିଲ୍ଲା ନଅଆପାଣ୍ଡା ଅଞ୍ଚଳର ମାଙ୍ଗାନିଜ ଖଣି ବିଷୟ ଉଲ୍ଲେଖ କରାଯାଇପାରେ । ପ୍ରତ୍ୟନ୍ତ ଦେଶୀୟରାଜ୍ୟ ବଲାଙ୍ଗୀର, କଳାହାଣ୍ଡି ଓ ରାଇପୁର ଅଞ୍ଚଳରେ ଅନେକଗୁଡ଼ିଏ ଖଣିଜ ସମ୍ପଦ ଆବିଷ୍କାର କରାଯାଇଥିଲା । ବକ୍‌ସାଇଟ୍, ଗ୍ରାଫାଇଟ୍, ମାଙ୍ଗାନିଜ୍ ଓ ଚୂନପଥର ଏହି ଖଣିଜ ସମ୍ପଦର ଅନ୍ତର୍ଭୁକ୍ତ । ଗୁରୁତ୍ୱପୂର୍ଣ୍ଣ ଖଣିଜ ସଂପଦଗୁଡ଼ିକର ଆବିଷ୍କାର ତତ୍‌କାଳୀନ ଦେଶୀୟରାଜ୍ୟରେ ସୀମାବଦ୍ଧ ଥିଲା । ୧୯୪୮-୪୯ ମସିହାରେ ଓଡ଼ିଶା ସହିତ ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ ପରେ ଖଣିଜ ସମ୍ପଦରେ ପରିପୂର୍ଣ୍ଣ ରାଜ୍ୟରୂପେ ଓଡ଼ିଶା ସମଗ୍ର ଦେଶରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି । ଏହାଠାରୁ ଭୂତତ୍ତ୍ୱ ମାନଚିତ୍ର ପ୍ରସ୍ତୁତ, ଖଣିଜ ସଂପଦ ଆବିଷ୍କାର ଓ ତହିଁର ହିସାବ ବିଷୟରେ ବିଧିବଦ୍ଧଭାବରେ କିଛି କରାଯାଇ ନାହିଁ ଓ ରାଜ୍ୟର ଗୋଟିଏ ବିସ୍ତୃତ ଅଂଶରେ ଅନୁସନ୍ଧାନ କରାଯାଇ ନାହିଁ । ରାଜ୍ୟରେ ଖଣିଜ ସମ୍ପଦର ସମ୍ଭାବନା ସମ୍ବନ୍ଧରେ ଅବହିତ ହୋଇ ଖଣିଜ ସମ୍ପଦର ଅନୁସନ୍ଧାନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ରାଜ୍ୟସରକାର ୧୯୫୫ ମସିହାରେ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ (ଡିରେକ୍ଟୋରେଟ୍) ସ୍ଥାପନ କଲେ ।

ଦଇତାର ଲୁହାପଥର ଖଣିରେ ସଞ୍ଚିତ ଥିବା ଲୁହା ପଥର ସମ୍ପର୍କରେ ଅନୁସନ୍ଧାନ ଓ ଚଢ଼ାଁର ଶ୍ରେଣୀ ବଘୁଗ, ସମ୍ବଲପୁର ଜିଲ୍ଲା ଗୁଙ୍ଗି, ସୁନ୍ଦରଗଡ଼ ଜିଲ୍ଲା ଦୁବ୍‌ଲାବେଡ଼, କରଞ୍ଜପେଡ଼, କୋରାପୁଟ ଜିଲ୍ଲା ଜୟାଓଲ, କୋଣ୍ଡାଜେଡ଼ ଓ ଜୋଡ଼ମେଟ ଅଞ୍ଚଳରେ ଥିବା ବୁନ୍ଦପଥର ଖଣି, କଳାହାଣ୍ଡି, କୋରାପୁଟ ଓ କଲ୍ଲାଟୀର ଜିଲ୍ଲାର ଅଧିତ୍ୟକାରେ ଥିବା ବକ୍‌ସାଇଟ୍ ଓ ମୟୂରଭଞ୍ଜ ଜିଲ୍ଲାରେ ଥିବା ସୁନାଖପେରସ୍ ମାଗନେସାଇଟ୍ ଇତ୍ୟାଦି ଖଣି ଗୁଡ଼ିକରେ ଏହି ନବଦିଗନ୍ତର କୃତ୍ତଉଧରଣର ଅନୁସନ୍ଧାନ କାର୍ଯ୍ୟ ଆରମ୍ଭ କରିଛନ୍ତି । ଭୂତତ୍ତ୍ୱ ଅନୁସନ୍ଧାନ ସଂସ୍ଥା ଓ ସୁକ୍ଷ୍ମ ଖଣି ନବଦିଗନ୍ତର ବ୍ୟଞ୍ଜକ ସରଞ୍ଜାମ ଖଣି ସଂସ୍ଥା, ଆଣବିକ ମିନେରାଲ ଉତ୍ପାଦନ, ଏନ୍. ଜି. ଡି., ଲିମିଟେଡ୍, ହିନ୍ଦୁସ୍ଥାନ ଷ୍ଟିଲ୍ ଲିମିଟେଡ୍, ମେସର୍ସ ଟିସ୍‌କୋ, ଲିମିଟେଡ୍, ଏବଂ ଓ. ଏନ୍. ସି., ଲିମିଟେଡ୍, ଭଳି ଅନୁଷ୍ଠାନଗୁଡ଼ିକ ଖଣିଜ ସମ୍ପଦ ଆହରଣ ଓ ମାପଜୁପ୍ ଦିଗରେ ଜରୁରି କାର୍ଯ୍ୟ କରୁଥିବା ଯୋଗୁଁ ଭାରତର ଖଣି ସମ୍ପର୍କୀୟ ମାନଚିତ୍ରରେ ଓଡ଼ିଶା ଅନବଦ୍ୟ ସ୍ଥାନ ଅଧିକାର କରିପାରିଛି ।

ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ

ଅଞ୍ଚଳର ଗୌରବମୟ ଐତିହ୍ୟ, ସୁଷମାମଣ୍ଡିତ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପର୍ଯ୍ୟାପ୍ତ ପରିମାଣରେ ବିଦ୍ୟୁତ୍‌ଶକ୍ତି ଥାଇ ମଧ୍ୟ ଓଡ଼ିଶାରେ ଅଗ୍ରଗତିର ଚିତ୍ର କରୁଣ ରୂପ ଧାରଣ କରିଛି । ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ଓଡ଼ିଶାରେ ଗୋଟିଏ ହେଲେ ଉଲ୍ଲେଖଯୋଗ୍ୟ କଳ କାରଖାନା ନ ଥିଲା । ଓଡ଼ିଶାରେ ଗୋଟିଏ କାଗଜକଳ, ଗୋଟିଏ ଚିନି କାରଖାନା ଓ ଗୋଟିଏ ମାତ୍ର କାଚ କାରଖାନା ଥିଲା । ଗୋଟିଏ ମେଗାଓ୍ୱାଟ୍ ବିଦ୍ୟୁତ୍‌ଶକ୍ତି ମଧ୍ୟ ଉତ୍ପାଦିତ ହେଉ ନ ଥିଲା । ଘରବତ୍ତନ ଓ ଯୋଗାଯୋଗ ଭଳି ମୌଳିକ ବ୍ୟବସ୍ଥାରେ ମଧ୍ୟ ଅଭାବ ଥିଲା । ରେଳପଥ ରାଜ୍ୟର ସୀମା ସ୍ପର୍ଶ କରିଥିଲା ଏବଂ ରାଜ୍ୟର ଅଭ୍ୟନ୍ତରକୁ ପ୍ରବେଶ କରିବା ମଧ୍ୟ ସହଜ ଥିଲା । ୭୫୦ କାଲ୍ପନିକ ଲମ୍ବ ଉପକୂଳ ଅ ଗୋଟିଏ ହେଲେ ବନ୍ଦର ବି ନ ଥିଲା ।

ସ୍ୱାଧୀନତା ମିଳିବା ପରେ

ତ୍ରିସ୍ତରୀୟ ଓ ଚତୁସ୍ତରୀୟ ଯୋଜନା ଆରମ୍ଭ ହେ ଦଶବର୍ଷ ମଧ୍ୟରେ ଖଣି ଓ ଶିଳ୍ପ ଉତ୍ପାଦନ ଦେ ଓଡ଼ିଶା ଦ୍ରୁତ ଗତିରେ ଆଗକୁ ଯାଇଛି । ମେଗାଓ୍ୱାଟ୍ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ କରିବାକୁ ଦୀର୍ଘମୂଦ ବହୁ ଯୋଜନାର ଆରମ୍ଭ ଏବଂ ସମ୍ପ ପରିକ୍ଷେପ । ସରକାରୀ ଉଦ୍ୟମରେ ରାଉରକେଲା ପ୍ରତିଷ୍ଠିତ ପ୍ରଥମ ଇସ୍ପାତ କାରଖାନାରେ ଉ ମସେଇାରେ ଉତ୍ପାଦନ ଆରମ୍ଭ ହୋଇଥିଲା । ଖ ସମ୍ପର୍କକୁ ଲକ୍ଷ୍ୟ କରି ପ୍ରତିଷ୍ଠିତ କଳକାରଖା ମଧ୍ୟରେ ଦୀର୍ଘମୂଦ ଜଳପଥରେ ଥିବା ଆଲୁମିନି କାରଖାନା, ପୋଡ଼ା ଓ ବାଦୁଗଡ଼ାଠାରେ ଫେରୋ ମାଙ୍ଗାନିଜ କାରଖାନା, ରାଜଗାଙ୍ଗପୁର ସିମେ କାରଖାନା, ବେଲପାହାଡ଼, ରାଜଗାଙ୍ଗପୁର, ଝାରସୁ ଓ ବାରଜଠାରେ ଥିବା ରିଫ୍ରାକ୍ଟରି କାରଖାନା, କଡ଼ଙ୍କଲ ଲୌହପିଣ୍ଡ କାରଖାନାକୁ ଅନ୍ତର୍ଭୁ କରିଯାଇପାରେ । ଏହି ଅଲ୍ଟ୍ରାକେମିକ୍ୟାଲ ଶି ବରଗଡ଼ ନିକଟରେ ଏକ ସିମେଣ୍ଟ କାରଖାନା ଥେନ୍ତୁଘାଲୁଠାରେ ଗୋଟିଏ ଫେରୋ-ସିଲି କାରଖାନାରେ ଉତ୍ପାଦନ ଆରମ୍ଭ କରିସଜି ଭାଲରେଇଠାରେ ଆରମ୍ଭ ହୋଇଥିବା ୨୫୦ ମେ ଓ୍ୱାଟ୍ ବିଦ୍ୟୁତ୍‌ଶକ୍ତି ବିଷିଷ୍ଟ ତାପବିଦ୍ୟୁତ୍ କାରଖାନା ନିର୍ମାଣ ଶେଷ ହେବା ଉପରେ ।

ବଢୁଳ ପରିମାଣର ଜଳ ବିଦ୍ୟୁତ୍ ଶକ୍ତିକୁ କାର୍ଯ୍ୟକ୍ଷମ କରିଯାଇ ପାରିଛି ଓ ଏହି ବିଦ୍ୟୁତ୍ ଉତ୍ପାଦନ ସାମର୍ଥ୍ୟ ତ୍ରିସ୍ତରୀୟ ଯୋଜନା ପ୍ରାରମ୍ଭ

ମସିହାରେ ତାହା ୬·୯୩ ନିୟୁତ ଟନ୍‌କୁ ବୃଦ୍ଧି ପାଇଥିଲା । ଚୂନପଥର, ଡୋଲୋମାଇଟ୍, ଅଗ୍ନି ନରୋଧ୍ ମୃତ୍ତିକା (ଫାୟାର କ୍ଲେ) ଇତ୍ୟାଦି ଅନ୍ୟାନ୍ୟ ଖଣିଜ ଦ୍ରବ୍ୟର ଉତ୍ପାଦନ ଧାଗବାନ୍ଧକ ଗତିରେ ବୃଦ୍ଧି ପାଇଥିଲା । ଓଡ଼ିଶାରେ ଉତ୍ପାଦିତ ଖଣିଜ ଦ୍ରବ୍ୟ-ଗୁଡ଼ିକର ମୂଲ୍ୟ ୧୯୫୮ ମସିହାରେ ୬·୯ କୋଟି ଟଙ୍କା ଥିବାସ୍ଥଳେ ତାହା ୧୩·୪ କୋଟି ଟଙ୍କାକୁ ବୃଦ୍ଧି ପାଇ ଥିଲା । ୧୯୫୮-୫୯ ଆର୍ଥିକ ବର୍ଷରେ ଓଡ଼ିଶାର ଖଣି ରାଜସ୍ୱ ୫୭·୫୬ ଲକ୍ଷ ଟଙ୍କା ଥିଲା ମାତ୍ର ୧୯୬୫-୬୬ ଆର୍ଥିକ ବର୍ଷଟେ ତାହା ୧·୭୫ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା ।

ବହୁ ଶତାବ୍ଦୀର ଅନୁନ୍ନତ ଅବସ୍ଥା ବରୁର କଲେ ଖଣି ଓ ଶିଳ୍ପ ଉନ୍ନୟନ କ୍ଷେତ୍ରରେ କ ପ୍ରକାର ଉଲ୍ଲେଖ-ଯୋଗ୍ୟ ଉନ୍ନତି କରାଯାଇ ପାରିଛି ତାହା ଆମେ ହୃଦଯୁଙ୍ଗମ କରି ପାରିବା । ଶିଳ୍ପ କ୍ଷେତ୍ରରେ ଓଡ଼ିଶାକୁ ପ୍ରକୃତରେ ପ୍ରଗତିଶୀଳ କରିବାକୁ ହେଲେ ଆମକୁ ଦୀର୍ଘପଥ ଅତିକ୍ରମ କରିବାକୁ ପଡ଼ିବ । ବିପୁଳ ଖଣିଜ ସମ୍ପଦର ଅତି ନଗଣ୍ୟ ଅଂଶ ଏପର୍ଯ୍ୟନ୍ତ କେବଳ ସ୍ପର୍ଶ କରାଯାଇ ପାରିଛି । ରାଜ୍ୟର ବିପୁଳ ଖଣିଜ ସମ୍ପଦ ଓ ଶିଳ୍ପ ସମ୍ଭାବନା ସମ୍ପର୍କରେ ପ୍ରକୃତ ତଥ୍ୟ ଉପସ୍ଥାପିତ କରିବା ଏହି ସ୍ମରଣିକାଟିର ଲକ୍ଷ୍ୟ ।

ଖଣିଜ ସମ୍ପଦ

ଲୁହା ପଥର—ଓଡ଼ିଶାରେ ୮,୨୦୦ ନିୟୁତ ଟନ୍ ଲୁହା ପଥର ରହିଥିବା ବିଷୟ ହିସାବରୁ ଜଣା ଯାଇଛି । କେଉଁଝର, ସୁନ୍ଦରଗଡ଼, କଟକ ଓ ମୟୂରଭଞ୍ଜ ଜିଲ୍ଲାରେ ତାହା ପ୍ରଧାନତଃ ରହିଛି । ଲୁହା ପଥର ହେମାଟାଇଟ୍ ଧରଣର ଓ ସେଥିରେ ଶତକଡା ୫୫ ଭାଗରୁ ୬୯ ଭାଗ ପର୍ଯ୍ୟନ୍ତ ଲୁହା ରହିଥାଏ । ସୁନ୍ଦରଗଡ଼ ଓ କେଉଁଝର ଜିଲ୍ଲା ମଧ୍ୟ ଦେଇ ଯାଇଥିବା ବଣାଇ ପାହାଡ଼ରେ ଅଧିକ ଗୁରୁତ୍ୱ-ପୂର୍ଣ୍ଣ ଲୁହାପଥର ଖଣିଗୁଡ଼ିକ ରହିଛି ଓ ଖଣ୍ଡାଧାର

ଟନ୍ ମେଗାଓ୍ୱାଟ୍ ଥିବା ସ୍ଥଳେ ବର୍ତ୍ତମାନ ଏହା ୨୦ ମେଗାଓ୍ୱାଟ୍‌କୁ ବୃଦ୍ଧି ପାଇଛି । ତାଳଚେର ରେ ୨୫୦ ମେଗାଓ୍ୱାଟ୍ ଶକ୍ତି ବିଶିଷ୍ଟ ତାପ-ବିଦ୍ୟୁତ୍ କାରଖାନା ନିର୍ମାଣ କରିବା ବ୍ୟତୀତ ଲାମେଲାଠାରେ ୩୬୦ ମେଗାଓ୍ୱାଟ୍ ଶକ୍ତି ବିଶିଷ୍ଟ ନ ବିଦ୍ୟୁତ୍ କାରଖାନା ନିର୍ମାଣ କରାଯାଉଛି ।

ରେଳ ବିଭାଗ କେତେକ ବୃହତ୍ ଧରଣର ଯୋଜନା ସଂପୃକ୍ତ କରି ପାରିଛନ୍ତି ଓ ମେଥିମଧ୍ୟରୁ ଝାଝଭଲପା ସମ୍ବଲପୁର ବୈଲଡ଼ିଲାକୁ ସଂଯୁକ୍ତକରୁଥିବା ରେଳପଥ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଅନ୍ୟାନ୍ୟ ଯୋଗଡାଙ୍ଗ ରେଳପଥ ମଧ୍ୟରେ ସମ୍ବଲପୁର ସହିତ ଝିଗଡ଼କୁ ସଂଯୁକ୍ତ କରୁଥିବା ରେଳପଥ ଓ କୁମାରେ ତତ ଘଜରଡେଲ୍ଲା (କନ୍ଧମୁଣ୍ଡା)କୁ ସଂଯୁକ୍ତ କରୁଥିବା ରେଳପଥ ସ୍ଥାପନ କରାଯାଇଛି । ମହାନଦୀ ଉପରେ ସିତ ସଡ଼କ ପଥରେ ପୋଲ ନିର୍ମାଣ, ପରିବହନ ଓ ଗମାଗମନ ଇତ୍ତାଦିରେ ଏକ ଉଲ୍ଲେଖଯୋଗ୍ୟ ଣୋ ! ପଶ୍ଚିମ ଓଡ଼ିଶାର ଶିଳ୍ପାଞ୍ଚଳ ବର୍ତ୍ତମାନ ସମ୍ବଲପୁର ଧାନଗଠାରୁ ବିଚ୍ଛିନ୍ନ ନୁହେଁ । କଲିକତାକୁ ମାଦ୍ରାଜ ତ ସଂଯୁକ୍ତ କରୁଥିବା ଓଡ଼ିଶାର ଜାତୀୟ ସଡ଼କପଥର ର୍ଣ୍ଣ ଚାପ୍ୟ ଶେଷ ହୋଇଛି ।

ଓଡ଼ିଶା ବିପଦ୍‌ସଂକୁଳରେ ପାର୍ଶ୍ୱବର୍ତ୍ତନ ଧର୍ମ ଗୋଟିଏ ରର ଅସ୍ତିତ୍ୱ ଅନୁଭୂତ ହେଇଥିଲା । ମାତ୍ର ୧୯୫୫ ମାର୍ଚ୍ଚ ମାସରେ ପାରାଦ୍ୱୀପଠାରେ ଯେଉଁ ବନ୍ଦର ଦ୍ଘାଟିତ ହେଲା, ତାହା ହେଉଛି ସମଗ୍ରଭାରତର ାରତ୍ତମ ବନ୍ଦର । ଏଥି ଉତ୍ତରେ ଅନେକ ଜାହାଜ ଦ୍ୱୀପରୁ ଲୁହାପଥର ନେଇ ପାରିଲେଣି ।

ଖଣିଜ ଦ୍ରବ୍ୟ ଉତ୍ପାଦନ କ୍ଷେତ୍ରରେ ବିଶେଷତଃ ାପଥର ଉତ୍ପାଦନରେ ବିଶେଷ ଅଗ୍ରଗତି ପ୍ରଦର୍ଶିତ ଇଥିଲା । ୧୯୫୮ ମସିହାରେ ୨·୧୯ ନିୟୁତ ଟନ୍ ାପଥର ଉତ୍ତୋଳନ ହୋଇ ଥିବା ସ୍ଥଳେ ୧୯୬୫

(ସୁନ୍ଦରଗଡ଼), ବରଗୁଆ, ବସୁନ୍ଧରୀ, ମାଳଙ୍ଗଟୋଳ ମାଙ୍ଗନାଚ, ପୀରପୋଖଣ୍ଡ, ବାଁଶପାଣି, ଯୋଡ଼ା ପୂର୍ବାଞ୍ଚଳ, ଠାକୁରାଣୀ, ବୋଲାଣି ଓ ମୁର୍ଗାବେଡ଼ ଖଣିଗୁଡ଼ିକ ମଧ୍ୟ ରହିଁର ଅନ୍ତର୍ଭୁକ୍ତ । ମୟୂରଭଞ୍ଜ ଜିଲ୍ଲାର ବାଦାମ ପାହାଡ଼, ସୁଲାଇପାଟ ଓ ଗୋନ୍ତ-ମହୁପାଣି, କଟକ ଜିଲ୍ଲାର ଦାଇତାରି ଓ ଟମକା, କେଉଁଝର ଜିଲ୍ଲାର ଗନ୍ଧମାର୍ଦ୍ଦନ ପର୍ବତ ଓ କୋଗପୁର ଜିଲ୍ଲା ସୁନ୍ଦରପୁର ପାହାଡ଼ରେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଲୁହା ଖଣିଗୁଡ଼ିକ ରହିଛନ୍ତି । ଏହିସବୁ ଖଣିରେଥିବା ଲୁହାପଥରରେ ହାରାହାରି ଶତକଡ଼ା ୬୩ ଭାଗ ଲୁହା ରହିଛନ୍ତି ।

ସମସ୍ତ ଦେଶରେ ଟାଟା ଲୌହ ଓ ଇସ୍ପାତ କାରଖାନାର ଯୋଡ଼ା ପୂର୍ବାଞ୍ଚଳ ଖଣି, ମେସର୍ସ ବୋଲାଣି ଓରସ୍ ପ୍ରାଇଭେଟ୍ ଲିମିଟେଡ୍‌ର ବୋଲାଣି ଖଣି, ହିନ୍ଦୁସ୍ଥାନ ଇସ୍ପାତ କାରଖାନାର ବରସୁଆ ଖଣିଗୁଡ଼ିକରେ ସାମ୍ପ୍ରତିକ ପରିଚାଳନରେ କାର୍ଯ୍ୟ କରାଯାଉଛି ଆମ ଦେଶରୁ ରପ୍ତାନୀ ହେଉଥିବା ଲୁହା ପଥରର ବୃହତ ଭାଗ ଓଡ଼ିଶାରୁ ଯାଉଥିବା ସଙ୍ଗେ ସଙ୍ଗେ ପୂର୍ବାଞ୍ଚଳରେ ଅବସ୍ଥିତ ସ୍ପ୍ରେଟିସାକ ଇସ୍ପାତ କାରଖାନାକୁ ଓଡ଼ିଶା ଏହି ପ୍ରଧାନ ଉତ୍ସାମାଲ ଯୋଗାଇ ଦେଇଥାଏ ।

କଟକ ଜିଲ୍ଲାର ଦାଇତାରି, କେଉଁଝର ଜିଲ୍ଲାର ଗନ୍ଧମାର୍ଦ୍ଦନ ଓ ପୀରପୋଖଣ୍ଡ ଓ ସୁନ୍ଦରଗଡ଼ ଜିଲ୍ଲାର ସରକୁଦାଠାରେ ପ୍ରଚୁର ପରିମାଣରେ ଲୁହାପଥର ରହିଥିବା ବିଷୟ ସର୍ଭେ ଖଣି ନିର୍ଦ୍ଦେଶାଳୟ, ଭରତୀୟ ଖଣିସଂସ୍ଥା, ଭୂତତ୍ତ୍ୱ ଅନୁସନ୍ଧାନ ସଂସ୍ଥା ଓ ଓଡ଼ିଶା ଖଣି କର୍ପୋରେସନର ଅନୁସନ୍ଧାନରୁ ଜଣାପଡ଼ିଛି । ଏହି ସବୁ ଖଣିରେ ୨୦୦ ନିୟୁତ ମେଟ୍ରିକ ଟନ୍‌ରୁ ଅଧିକ ଲୁହାପଥର ଥିବା ବିଷୟ ଜଣା ଯାଇଛି ।

ମାଙ୍ଗାନିକ ପଥର—ଏହି ଖଣିଜ ଦ୍ରବ୍ୟର ଗୁରୁତ୍ୱ ଦୃଷ୍ଟିରୁ ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ପରେ

ଓଡ଼ିଶାର ସ୍ଥାନ ରହିଥିଲେ ମଧ୍ୟ ଜାତୀୟ ଉତ୍ପାଦନରେ ଓଡ଼ିଶା ଅନେକ ପମ୍ପୁଦ୍ଧ ହୋଇ ପାରିଛି । ପଞ୍ଚମୋଟ ୨୫ ନିୟୁତ ଟନ୍ ମାଙ୍ଗାନିଜ ରହିଥିବା ବିଷୟ ହିସାବ ଯାଇଛି । ମେଟାଲିଜ ଗ୍ରେଡ୍ ମାଙ୍ଗାନିଜ ପଥର ଅନୁପାତରେ ମିଳୁଥିବା ସ୍ଥଳେ କେମିକାଲ୍ ଓ ବ୍ୟାଟେରୀ ଗ୍ରେଡ୍ ମାଙ୍ଗାନିଜ ରହିଥିବା ଜଣାଯାଇଛି ।

ଆମ ଦେଶରେ ମାଙ୍ଗାନିଜ ଉତ୍ପାଦନ କ୍ଷେତ୍ର ପଶ୍ଚାଧିକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ମଧ୍ୟରେ କେଉଁଝର ଭୂ-ଖଣ୍ଡ ଅନ୍ୟତମ । ପ୍ରାକ-କ୍ୟାମ୍ବ୍ରି ଯୁଗର ଲୌହ ମିଶ୍ରିତ ପ୍ରସ୍ତର ପର୍ବତ ସଂଶ୍ଳିଷ୍ଟ ଏହା ଥାଇଥା ଭଳ ରହିଥାଏ । କେତେକ ଏହା ଘନଭୂତ ମାଙ୍ଗାନିଜ ପଥର ଆକାରରେ ଏହି ଅଞ୍ଚଳରୁ ମିଳୁଥିବା ମାଙ୍ଗାନିଜ ଫସ୍‌ଫରସ୍‌ର ପରିମାଣ ଖୁବ ଅଳ୍ପ । ପଣ୍ଡିମ କାମେରୁଣ, ବାଁଶପାଣି, ଗୁର୍ଜା, ପିଲ୍ ଯୋଉ, ଡେଙ୍ଗୁଜ ଇତ୍ୟାଦି ସ୍ଥାନରେ ଗୁରୁତ୍ୱପୂର୍ଣ୍ଣ ଖଣି ରହିଛି । ଏହି ପଥରରେ ଶତକଡ଼ା ୩୦ ଭାଗ ଆରମ୍ଭକର ୫୧ ଭାଗ ପର୍ଯ୍ୟନ୍ତ ମାଙ୍ଗାନିଜ ଥାଏ ।

କୋରାପୁଟ ଜିଲ୍ଲାର କୁଟିଙ୍ଗା ନକଟଗି କଲାହାଣ୍ଡି ଜିଲ୍ଲାର ନଶିଖାଲ, ବଲାଙ୍ଗିର ଜି ଚମ୍ପାସର ଓ ସୁନ୍ଦରଗଡ଼ ଜିଲ୍ଲାର ଆମ୍ବଘେ ଘୋଣ୍ଡାଯୋରଠାରେ ଅନ୍ୟାନ୍ୟ ମାଙ୍ଗାନିଜ ଗୁଡ଼ିକ ରହିଛି । କଲାହାଣ୍ଡି, କୋରାପୁଟ ଓ ବ ଜିଲ୍ଲାରେ ଥିବା ମାଙ୍ଗାନିଜ ପଥରରେ ଫସଫରସ୍ ଟିକେ ଅଧିକ ପରିମାଣରେ ରହିଛି । ଡେଙ୍ଗା ଗଞ୍ଜାମ ଓ ଫୁଲବାଣୀ ଜିଲ୍ଲାରେ ମଧ୍ୟ ମାଙ୍ଗାନିଜ ଦେଖିବାକୁ ମିଳେ । ଆଦୌ ମଧ୍ୟ ଶତକଡ଼ା ୩୦ କମ ଭାଗ ମାଙ୍ଗାନିଜ ଥିବା ନିକୃଷ୍ଟ ଧରଣର ଖଣି ସୁନ୍ଦରଗଡ଼ ଓ କେଉଁଝର ଜିଲ୍ଲାରେ ଅ

ଏହି ଧରଣର ପଥର ସାଧାରଣତଃ ଅଳ୍ପ ମୂଲ୍ୟରେ ଚୂର୍ଣ୍ଣୀ କରାଯାଇ ଥାଏ ମାତ୍ର ଇସ୍ପାତ କାରଖାନା-ଗୁଡ଼ିକର ଗୁରୁତ୍ୱ ଯୋଗୁଁ ବଡ଼ ପରିମାଣରେ ଏହା ଉତ୍ପାଦନ କରାଯାଉଛି ।

ରାସ୍ତାର ବଜାରରେ ଓଡ଼ିଶାର ମାଙ୍ଗାନିଜ ପଥର ବିଶେଷ ଗୁରୁତ୍ୱ ଆଦୃତ ହୋଇଥାଏ । ଓଡ଼ିଶାରୁ ମିଳୁଥିବା ମାଙ୍ଗାନିଜ ପଥରର ଅଧିକ ଭାଗ ବିଦେଶକୁ ରପ୍ତାନୀ ହୁଏ ।

ସ୍ୱଳ୍ପରେ ଉତ୍ପାଦିତ ମାଙ୍ଗାନିଜର କେତେକାଂଶ ଦେଶର ପୂର୍ବାଞ୍ଚଳରେ ଅବସ୍ଥିତ ଇସ୍ପାତ କାରଖାନା ଓ ଯୋଡ଼ା ଏବଂ ଘୁଷୁଡ଼ାଠାରେ ଅବସ୍ଥିତ ଫେରୋ-ମାଙ୍ଗାନିଜ କାରଖାନା ଦୁଇଟି ଦ୍ୱାରା ବ୍ୟବହୃତ ହୋଇ ଥାଏ ।

କ୍ରୋମାଇଟ —ସମସ୍ତ ଦେଶରେ ଥିବା କ୍ରୋମାଇଟ ଖଣିଗୁଡ଼ିକ ମଧ୍ୟରେ ଓଡ଼ିଶାର ଖଣିଗୁଡ଼ିକ ସର୍ବୋତ୍କୃଷ୍ଟ । କ୍ରୋମାଇଟ ଉତ୍ପାଦନ କରିବାରେ ଓଡ଼ିଶା ଅଗ୍ରଣୀ ହେବା ବ୍ୟତୀତ ସମସ୍ତ ଭାରତରେ ଉତ୍ପାଦିତ କ୍ରୋମାଇଟର ଶତକଡ଼ା ୮୦ ଭାଗ ଓଡ଼ିଶାରୁ ମିଳିଥାଏ । ଧାତବ (ମେଟା ଲୁର୍ଜିକାଲ), ରାସାୟନିକ (କେମିକାଲ) ଓ ରିଫ୍ରାକ୍ଟରୀ ଏହି ତିନି ଶ୍ରେଣୀର କ୍ରୋମାଇଟ ପଥର ପ୍ରାୟ ସ୍ୱଳ୍ପରେ ରହିଛି ।

ଗୁରୁତ୍ୱପୂର୍ଣ୍ଣ କ୍ରୋମାଇଟ ଖଣିଗୁଡ଼ିକ କେନ୍ଦୁଝର ଜିଲ୍ଲାର ବଣଳା ଓ ନୂଆପାଣି, କଟକ ଜିଲ୍ଲାର ସାରୁଆବଲ, ସୁକିନ୍ଦା, ଖାମାରଜୋର, କଲରଙ୍ଗି ଓ ଢେଙ୍କାନାଳ ଜିଲ୍ଲାର ମରୁଆବଲ, ଖାରସାଲ ଓ କଠାଳଠାରେ ଅବସ୍ଥିତ । ପଥର ସହିତ ଏହା କ୍ରୋମାଇଟ ମିଶ୍ରିତ ଅବସ୍ଥାରେ ଓ ଅନ୍ୟାନ୍ୟ ପ୍ରକାରରେ ଥାଏ । ଅଳ୍ପଦିନ ତଳେ ଭୂତତ୍ତ୍ୱ ଅନୁ-ସନ୍ଧାନ ସଂସ୍ଥା ସେଉଁ ଅନୁସନ୍ଧାନ କାର୍ଯ୍ୟ ଆରମ୍ଭ କରିଥିଲେ ସେଥିରୁ ଜଣା ଯାଇଛି ଯେ କଟକ ଓ ଢେଙ୍କାନାଳ ଜିଲ୍ଲାର କ୍ରୋମାଇଟ ଖଣିଗୁଡ଼ିକରେ ମୋଟ ନଯୁତ ମେଟ୍ରିକ ଟନ କ୍ରୋମାଇଟ ରହିଛି । ଓଡ଼ିଶାରେ ସବୁ ଶ୍ରେଣୀର କ୍ରୋମାଇଟର ପରିମାଣ ପ୍ରାୟ ୫ ନଯୁତ ମେଟ୍ରିକ ଟନ ହେବ ।

ମଧ୍ୟମ ଓ ନିକୃଷ୍ଟ ଧରଣର କ୍ରୋମାଇଟ ପଥର କେମିକାଲ ଓ ରିଫ୍ରାକ୍ଟରୀ କ୍ରୋମାଇଟ ପ୍ରସ୍ତୁତ କରିବାରେ ବ୍ୟବହାର କରାଯାଏ ଓ ମେଟାଲର୍ଜି ଶ୍ରେଣୀର କ୍ରୋମାଇଟର ଅଧିକ ଭାଗ ବିଦେଶକୁ ରପ୍ତାନୀ କରାଯାଏ । ଭାରତୀୟ ଖଣି ସଂସ୍ଥା ଓ ଭୂତତ୍ତ୍ୱ ଅନୁ-ସନ୍ଧାନ ସଂସ୍ଥା ଦ୍ୱାରା ପରିଚାଳିତ ଅନୁସନ୍ଧାନରୁ ଜଣାଯାଏ ଯେ ସୁକିନ୍ଦା ଅଞ୍ଚଳର ଡନ୍ଜାମିଫେରସ୍ ପଥର ବେଡ଼ରେ ନିକେଲ ଓ କୋବାଲ୍ଟ (ନିକେଲ ଭଳି ଧାତବ ପଦାର୍ଥ) ମଧ୍ୟ ରହିଛି ।

ଚୂନ ପଥର ଓ ଡୋଲମାଇଟ —ସୁନ୍ଦରଗଡ଼, ସମ୍ବଲପୁର ଓ କୋରାପୁଟ ଜିଲ୍ଲାରେ ପ୍ରଚୁର ପରିମାଣରେ ଚୂନ ପଥର ଓ ଡୋଲମାଇଟ ରହିଛି । ଚୂନ ପଥର ଉତ୍ପାଦନରେ ଓଡ଼ିଶା ସମସ୍ତ ଦେଶରେ ଅଗ୍ରଣୀ ହୋଇ ପାରିଛି ଓ ସକୁଠାରୁ ଅଧିକ ଉତ୍ପାଦନ ପାଇଁ ସୁନ୍ଦରଗଡ଼ ପ୍ରଶଂସା ଲାଭ କରିଛି । ଅନ୍ୟ ପକ୍ଷରେ ଦେଖିବାକୁ ଗଲେ ସମସ୍ତ ଭାରତରେ ଉତ୍ପାଦିତ ହେଉଥିବା ଡୋଲମାଇଟ୍‌ର ଶତକଡ଼ା ୫୦ରୁ ଅଧିକ ଭାଗ ସୁନ୍ଦରଗଡ଼ ଜିଲ୍ଲାରୁ ମିଳିଥାଏ ।

ସାରମିସପୁରର ଚୂନପଥର ଓ ଡୋଲମାଇଟ୍ ଖଣି ବେଶ ସୁପରିଚିତ । ଭାରତର ଭୂତତ୍ତ୍ୱ ଅନୁସନ୍ଧାନ ସଂସ୍ଥା ହିସାବ କରିଛନ୍ତି ଯେ ଏହି ଅଞ୍ଚଳରେ ପଥା ନଯୁତ ୨୭୫ ନଯୁତ ଟନ୍ ଓ ୨୫୨ ନଯୁତ ଟନ ଚୂନପଥର ଓ ଡୋଲମାଇଟ ଗଚ୍ଛିତ ରହିଛି । ଏହି ଅଞ୍ଚଳର ଖଣିଗୁଡ଼ିକ ଗତ ଅର୍ଦ୍ଧଶତାବ୍ଦୀ ଧରି କାର୍ଯ୍ୟ-କାରୀ ହେଉଛି ଓ ସମସ୍ତ ଦେଶରେ ଫ୍ଲକ୍ସ-ଗ୍ରେଡ୍ ଚୂନପଥର ଓ ଡୋଲମାଇଟର ଏହା ହେଉଛି ପ୍ରଧାନ ଉତ୍ସ । ସୁନ୍ଦରଗଡ଼ ଜିଲ୍ଲାର ହାଙ୍ଗୁବାଜ, ପୁରୁଣାପାଣି,

ଗଞ୍ଜାମ, ଦୁବ୍‌ରିବେଣ୍ଟ ଓ ଲାଞ୍ଜିବେଣ୍ଟ ଠାରେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଚୂନପଥର ଖଣି ରହିଛି । ସୁନ୍ଦରଗଡ଼ ଜିଲ୍ଲାର ଏହି ଖଣି ଓ ଅନ୍ୟାନ୍ୟ ଖଣି-ଗୁଡ଼ିକରେ ସଙ୍ଗମୋଟ ୩୫ ନିୟୁତ ଟନ୍ ଚୂନପଥର ରହିଥିବା ଆକଳନ କରାଯାଇଛି । ଦୁବ୍‌ରିବେଣ୍ଟ; ଲାଞ୍ଜିରିମା ଓ କେନ୍ଦ୍ରିପଡ଼ାଠାରେ ଡୋଲମାଇଟ୍ ଖଣି ରହିଛି । ସମ୍ବଲପୁର ଜିଲ୍ଲା ଜୁଝୁମ୍ପୁରା ଅଞ୍ଚଳରେ ସିମେଣ୍ଟ ପ୍ରସ୍ତୁତ ହୋଇ ପାରିବାଭଳି ୩୮ ନିୟୁତ ଟନ ଚୂନ-ପଥର ରହିଛି ବୋଲି ସୁଦ୍ଧା ଖଣି ନର୍ଦ୍ଦେଶାଳୟ ଓ ଓଡ଼ିଶା ଖଣି କର୍ପୋରେସନ ଆକଳନ କରିଛନ୍ତି । କୋରାପୁଟ ଜିଲ୍ଲା ଜୟପୁରା—ଚୁନିଗୁଡ଼ା ଓ କୋଟମେଟ—ନନ୍ଦଉଡ଼ା ଅଞ୍ଚଳରେ ବହୁ ସଂଖ୍ୟକ ଚୂନପଥର ଖଣି ରହିଥିବାର ପ୍ରମାଣ ମିଳିଛି । ସୁଦ୍ଧା ଖଣି ନର୍ଦ୍ଦେଶାଳୟଙ୍କ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ ଫଳରେ ଜଣାଯାଇଛି ଯେ ଏହି ଅଞ୍ଚଳ ଦୁଇଟିରେ ପର୍ଯ୍ୟାକ୍ରମେ ୪୦ ନିୟୁତ ଟନ ଓ ୭୦ ନିୟୁତ ଟନ୍ ଚୂନପଥର ରହିଛି । କୋରାପୁଟ ଜିଲ୍ଲାର ଗୁପ୍ତେଶ୍ୱର ଶିରିଙ୍ଗବଡ଼; ଚାଲୁର, ଗୋଡ଼ାଘାଟି, କୋଣ୍ଡାଯୋଡ଼ ଓ ଭୁମାଯୋଡ଼ାଠାରେ ଡୋଲମାଇଟ ମିଶା ଚୂନପଥର ରହିଛି । ଏହିସବୁ ଖଣିରେ ସଙ୍ଗମୋଟ ୩୯ ନିୟୁତ ଟନ ଚୂନପଥର ଥିବା ଆକଳନ କରାଯାଇଛି ।

ଅନୁସନ୍ଧାନରୁ ଜଣା ଯାଇଛି ଯେ ସୁନ୍ଦରଗଡ଼ ଜିଲ୍ଲାର କଇଞ୍ଚପେଣ୍ଡା, ଲଟିବେଣ୍ଡା, ପୁରକାପାଲ୍ଲି, ଲୁଟ୍ରା, ତେଲଘଣା, ବମ୍ବଡ଼, ଡୁଆଗୁମ୍ ଓ ଖଇରଗୋଲା ଅଂଚଳରେ ବଡ଼ ଧରଣର ଚୂନପଥର ଖଣି ରହିଛି । ସେଥିମଧ୍ୟରୁ କେତେକ ଖଣିରେ ୭୦ ମିଟର ଗଭୀରତା ପର୍ଯ୍ୟନ୍ତ ଚୂନ ପଥର ରହିଛି । ସିମେଣ୍ଟ କାରଖାନାରେ ଏହି ଚୂନପଥର ଉତ୍ତମରୂପେ ବ୍ୟବହୃତ ହୋଇ ପାରିବ ।

ସକଡ଼ାଇ, ମଧୁପୁର, ସମ୍ଭଲପୁର ଓ ଫୁଲକାଣୀ ଜିଲ୍ଲାର ଅନ୍ୟ କେତେକ ସ୍ଥାନରେ କାଲ୍‌କ-ଲୁଫା (ଟ୍ରାଭରଟାଇନ୍ ଲାଇମ ଷ୍ଟୋନ) ନାମକ ଚୂନପଥର ରହିଛି । ମାତ୍ର ପ୍ରତ୍ୟେକ ଖଣିରେ ଥିବା ଚୂନ ପଥର ପରିମାଣ ସ୍ୱଳ୍ପ ।

କୋଇଲି—ଓଡ଼ିଶାର ତେଲ୍‌ଚାନାଳ ଜିଲ୍ଲା ଅନ୍ତର୍ଗତ ତାଳଚେର ଓ ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ଝାମପୁର ଅଂଚଳରେ କୋକ୍ ପ୍ରସ୍ତୁତ ପାଇଁ ଉପଯୋଗୀ କୋଇଲି ପ୍ରଚୁର ପରିମାଣରେ ରହିଛି । ତାଳଚେର ଅଂଚଳରେ କୋଇଲିର ଅସ୍ତିତ୍ୱ ୧୮୨୭ ମସିହାରେ ଜଣା ପଡ଼ିଥିଲା । ତାଳଚେରର ଉତ୍ତରପାର୍ଶ୍ୱରେ ୫୦ କୋଟି ବର୍ଗ କଏଲମିଟର ଅଂଚଳରେ କୋଇଲି ରହିଛି ଓ ୨୫୨୫ ବର୍ଗ କଏଲମିଟର ଅଂଚଳରେ ୪୭୨-୧୦ ନିୟୁତ ମେଟ୍ରିକ ଟନ୍ କୋଇଲି ରହିଥିବା ଆକଳନ କରାଯାଇଛି । ଏହି ଅଂଚଳରୁ ମିଳୁଥିବା କୋଇଲି ପ୍ରଥମ ଶ୍ରେଣୀର । ରେଳ ଇଞ୍ଜିନ୍, କାପ୍ପ ପ୍ରସ୍ତୁତ କାରଖାନା ଓ (ବଏଲର) ରେ ଏବଂ ରାସାୟନିକ ଦ୍ରବ୍ୟ ଉତ୍ପାଦନ କାର୍ଯ୍ୟରେ ବ୍ୟବହୃତ ହେବା ନିମନ୍ତେ ଏହା ସମ୍ପୂର୍ଣ୍ଣ ଉପଯୋଗୀ । ଓଡ଼ିଶା ଶିଳ୍ প ଉନ୍ନୟନ କର୍ପୋରେସନ ଏହି ଗବେଷଣାରୁ ଜାଣି ପାରିଛନ୍ତି ଯେ ଖଣିର ତଳସ୍ତରେ କୋଇଲି ଦେଖିଛି ସଙ୍କୋରକ୍ସ ଓ କୁହାଡ଼ିନ୍ ଉତ୍ପାଦନ ନିମନ୍ତେ ଲୋ-ଯାଫ୍‌ଟ ଫର୍‌ନେସ୍‌ରେ ବ୍ୟବହୃତ ହେବା ପାଇଁ ଭାଡ଼ା ଉପଯୁକ୍ତ ।

ବର୍ତ୍ତମାନ ପେଠାରେ ଗଞ୍ଜ, ଦୋଳ୍ଲବେଣ୍ଡ ଓ ଦକ୍ଷିଣ ବଲନ୍ଦା—ଏହି ତିନୋଟି ଖଣିରେ କାର୍ଯ୍ୟ ଚାଲିଛି । ଜାଙ୍ଗିପୁ କୋଇଲି ଉନ୍ନୟନ କର୍ପୋରେସନ ଅଧୀନରେ (ଏନ୍. ପି. ଡ. ପି.) ଏହି ଖଣିଗୁଡ଼ିକ ରହିଛି ।

ଏହି ଅଂଚଳରେ ଥିବା କୋଇଲିର ପରିମାଣ ଜାଣିବା ପାଇଁ ସୁଦ୍ଧା ଖଣି ନର୍ଦ୍ଦେଶାଳୟ ଜାଙ୍ଗିପୁ କୋଇଲି ଉନ୍ନୟନ କର୍ପୋରେସନ ଓ ଭୂତତ୍ତ୍ୱ ଅନୁସନ୍ଧାନ ସଂସ୍ଥା ଅନୁସନ୍ଧାନ ଚଳାଇଛନ୍ତି । ଏହି ଅଂଚଳରେ ୧,୦୦୦ ନିୟୁତ ମେଟ୍ରିକ୍‌ଟନ୍‌ରୁ ଅଧିକ

ପରିମାଣର କୋଇଲା ରହିଥିବା ବିଷୟ ବିଭିନ୍ନ ସୂତ୍ରରୁ ଜଣାଯାଇଛି ।

ଇବ୍ ନଦୀ (ରାମପୁର-ହିନଗିର) ଅଂଚଳରେ ହିନଗିର-ରାମପୁର କୋଇଲା ଖଣି, ଇବ୍ ନଦୀ କୋଇଲା ଖଣି ଓ ଓରଏଣ୍ଡ କୋଇଲା ଖଣି ଅବସ୍ଥିତ । ଏହିସବୁ କୋଇଲାଖଣି ମଧ୍ୟରେ ରାମପୁର କୋଇଲା ଖଣିର ତଳସ୍ଥିତ କୋଇଲା ପ୍ରଥମ ଶ୍ରେଣୀର କୋଇଲା ରୂପେ ବିବେଚିତ ହୋଇଛି ଓ ଖଣିର ସେହି ଅଂଶରେ ବର୍ତ୍ତମାନ କାର୍ଯ୍ୟ ଚାଲିଛି । ଏହି ଖଣିରେ ସର୍ବମୋଟ ୭୨୦ ନିୟୁତ ଟନ୍ କୋଇଲା ରହିଥିବା ଆକଳନ ହୋଇଛି ।

ଫୁଲବାଣୀ ଜିଲ୍ଲାର ଗୋକ୍ରାପଡ଼ା ଓ କନ୍ଧ୍ରାଙ୍ଗିଆ ଏବଂ କଟକ ଜିଲ୍ଲାର ନୟାଗଡ଼ଠାରେ କୋଇଲା ରହିଥିବା ସମ୍ବାଦ ମିଳିଛି । ତେବେ ନିକଟ ଭବିଷ୍ୟତରେ ଏହି ସ୍ଥାନଗୁଡ଼ିକର ଗୁରୁତ୍ୱ ସମ୍ବନ୍ଧରେ ବିଶେଷ କିଛି ଜଣା ପଡ଼ି ନାହିଁ ।

ବକ୍‌ସାଇଟ୍—କୋରାପୁଟ, କଳାହାଣ୍ଡି, ବଲାଙ୍ଗୀର ଓ ସମ୍ବଲପୁର ଜିଲ୍ଲାର କେତେକ ଉଚ୍ଚସ୍ଥାନ ବା ଅଧିତ୍ୟକାରେ ବକ୍‌ସାଇଟ ରହିଛି । ଏହା ହେଉଛି ଆଲୁମିନିୟମ୍‌ର ପ୍ରଧାନ ଉପାଦାନ । ଏହି ଅଧିତ୍ୟକା-ଗୁଡ଼ିକରେ ଇତସ୍ତତଃ ଭାବରେ ରହିଥିବା ବକ୍‌ସାଇଟ୍‌ର ପ୍ରକୃତ ସ୍ଥିତି ଓ ପରିମାଣ ସମ୍ପର୍କରେ ଜାଣିବା ପାଇଁ ସରକ୍ୟ ଖଣି ନିର୍ଦ୍ଦେଶାଳୟ ଅନୁସନ୍ଧାନ ଚଳାଇଛନ୍ତି । କୋରାପୁଟ ଜିଲ୍ଲାର ଗୁଦଗିର, କାଫ୍‌ଲମାଲ, କଥାଖାଲ, ପାପଙ୍ଗମାଲ, ସିଙ୍ଗମାଲ, କସାନ୍‌ମାଲ, ସମ୍ବଡୁମାଲ, କଳାହାଣ୍ଡି ଜିଲ୍ଲାର ଖରିଆର ଓ କରଲପାଟ ଏବଂ ବଲାଙ୍ଗୀର ଓ ସମ୍ବଲପୁର ଜିଲ୍ଲା ସୀମାରେ ଅବସ୍ଥିତ ଗନ୍ଧମାର୍ଦ୍ଦନ ଅଧିତ୍ୟକାରେ ଗୁରୁତ୍ୱପୂର୍ଣ୍ଣ ବକ୍‌ସାଇଟ୍ ଖଣିଗୁଡ଼ିକ ଅବସ୍ଥିତ । ଏ ପର୍ଯ୍ୟନ୍ତ ହୋଇଥିବା ଅନୁସନ୍ଧାନରୁ ଜଣା ପଡ଼ିଛି ଯେ ଏହି ଅଂଚଳଗୁଡ଼ିକରେ ୭୪୭ ନିୟୁତ ମେଟ୍ରିକ ଟନ୍ ବକ୍‌ସାଇଟ୍ ରହିଛି ଏବଂ ତହିଁରେ ଥିବା ଆଲୁମିନା ଭାଗ ଶତକଡ଼ା ୩୮ ଭାଗରୁ ଅଧିକ । ବର୍ତ୍ତମାନ ଚାଲିଥିବା ଅନୁସନ୍ଧାନ ଦ୍ୱାରା ବକ୍‌ସାଇଟ୍‌ର ପରିମାଣ ବୃଦ୍ଧି ପାଇବ ବୋଲି ଆଶା କରାଯାଏ । କେଉଁଠାନରେ କେତେ ପରିମାଣରେ ବକ୍‌ସାଇଟ ରହିଛି ତାହାର ବିସ୍ତାର ନିମ୍ନରେ ପ୍ରଦତ୍ତ ହେଲା—

କୋରାପୁଟ	୧୦୧୨ ନିୟୁତ ମେଟ୍ରିକ ଟନ୍
କଳାହାଣ୍ଡି	୦୭୦ ନିୟୁତ ମେଟ୍ରିକ ଟନ୍

ଗନ୍ଧମାର୍ଦ୍ଦନ ଉପତ୍ୟକା (ବଲାଙ୍ଗୀର-ସମ୍ବଲପୁର) ୦୬୦ ନିୟୁତ ମେଟ୍ରିକ୍ ଟନ୍ ।

ଶଙ୍ଖାମାଟି—ପ୍ରତିକ ଓ ସ୍ଥୂଳ କଣ ରୂପାନ୍ତରିତ ଶୈଳ ଦେହରେ ବର୍ତ୍ତିସ୍ଥ ଅବସ୍ଥାରେ ଶଙ୍ଖାମାଟି ରହିଥାଏ ଓ ତାହା ଉପରେ ମାଙ୍କଡ଼ା ପଥରର ପତଳା ଆବରଣ ରହିଥାଏ । ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ଓ ଯୋଡ଼ୀପୁର ଚଭୁଃପାର୍ଶ୍ୱରେ ଏହି ଭଳି ଅବସ୍ଥାରେ ଶଙ୍ଖାମାଟି ରହିଛି । କୁରୁମ, ବୃଞ୍ଚବାଣି, ଜୁମୁରିଆ ଓ ଜଙ୍କେସରଠାରେ କେତେକ ଗୁରୁତ୍ୱପୂର୍ଣ୍ଣ ଶଙ୍ଖାମାଟି ଖଣି ରହିଛି । କାଗଜ, ରବର ଓ ଲୁଗା କାରଖାନାରେ ବ୍ୟବହୃତ ହେବା ପାଇଁ ଶଙ୍ଖାମାଟି ବିଶେଷ ଉପଯୋଗୀ । ପେପିଲେନ୍, ପେଣ୍ଟ ଓ ସାବୁନ ଓସ୍ୱାର ପ୍ରସ୍ତୁତ କରିବାରେ ଏହା ବ୍ୟବହୃତ ହୋଇ ଥାଏ । ସୁନ୍ଦରଗଡ଼ ଜିଲ୍ଲାର କକୁଡ, କଳାହାଣ୍ଡି ଜିଲ୍ଲାର କୁକୋଗାଲ ଓ ସରକ୍ୟର ଅନ୍ୟ କେତେକ ସ୍ଥାନରେ ଶଙ୍ଖାମାଟି ମିଳେ । କୋରାପୁଟ ଜିଲ୍ଲା ପୋରଷପଦରର ଦକ୍ଷିଣ ଅଂଚଳରେ ଶଙ୍ଖାମାଟି ଖଣି ରହିଥିବା ବିଷୟ ଅନୁସନ୍ଧାନ ଫଳରେ ଜଣା ପଡ଼ିଛି । ଏହି ଖଣିରେ ୮-୧୦ ମିଟର ଗଭୀରତା ପର୍ଯ୍ୟନ୍ତ ଶଙ୍ଖାମାଟି ରହିଛି । ବଇଲଡ଼ିଲ-କୋଟାଉଲପା

ରେଳପଥର ନିକଟରେ ଥିବାରୁ ଏହି ଖଣିର ଉତ୍ତୋଳିତ ଆକରିକ ସହଜରେ ରପ୍ତାନି କରାଯାଇପାରେ ।

ଫାୟାର-କ୍ଲେ—ଆମ ଦେଶର କେତେକ ଉଚ୍ଚମାନର ଫାୟାର-କ୍ଲେ ଖଣି ସମ୍ବଲପୁର ଜିଲ୍ଲାର ବେଲ ପାହାଡ଼ ଅଂଚଳରେ ରହିଛି । ସମ୍ବଲପୁର, ସୁନ୍ଦରଗଡ଼, ଢେଙ୍କାନାଳ, କଟକ ଓ ପୁରୀ ଜିଲ୍ଲାରେ ଏହି ଖଣିଜ ପଦାର୍ଥ ରହିଛି । ଏହି ଖଣିଜ ଦ୍ରବ୍ୟ ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଓଡ଼ିଶା ଅଗ୍ରଣୀ । ସମ୍ବଲପୁର ଜିଲ୍ଲାର ଜୟକଣ୍ଡା-ଡାଲ୍‌ମିଆନଗର, କଡେଲମୁଣ୍ଡା-କୁଡ଼ୋପାଲି-ଲଙ୍କକୁରୁଆ, ଗନ୍ଧାଡୋଗ୍ରା, ଘମପୁର, ଚଳବନ୍ଧ, ଖୋଲ, ଖଣ୍ଡା ଇତ୍ୟାଦି ସ୍ଥାନରେ; ସୁନ୍ଦରଗଡ଼ ଜିଲ୍ଲାର କରପସିଲ୍ଲି, ଗୋପାଲପୁର, ରାଜନସଲ୍ଲି, ସିଲ୍ଲିମଲ୍ଲି, ବାଙ୍କିବାଡ଼ଲି, ପୁରୀ ଜିଲ୍ଲାର ଜଗନ୍ନାଥ ପ୍ରସାଦ, ଢେଙ୍କାନାଳ ଜିଲ୍ଲାର ବଣ୍ଡୁଚିପଦା, ପାଣପଡ଼ା, କରଣ୍ଡ, ତେଲସିଞ୍ଜ ଓ ଗୋପାଳ ପ୍ରସାଦ ଏବଂ କଟକ ଜିଲ୍ଲାର ନରସିଂହନାଥରେ ଗୁରୁତ୍ୱପୂର୍ଣ୍ଣ ଫାୟାର-କ୍ଲେ ଖଣିଗୁଡ଼ିକ ଅବସ୍ଥିତ । ଢେଙ୍କାନାଳ ଜିଲ୍ଲାର କଣିଆ ଅଂଚଳ ଓ କଟକ ଏବଂ ପୁରୀ ଜିଲ୍ଲାର ଅନ୍ୟ କେତେକ ଅଂଚଳରେ ଫାୟାର-କ୍ଲେ ରହିଥିବା ସମ୍ଭବ ବୋଲି ଏହି କେତେ-ଦିନ ତଳେ ମିଳିଥିବା ଅନୁସନ୍ଧାନରୁ ଜଣା ପଡିଛି । ସୁଲଭରେ ଉତ୍ପାଦନ ହେଉଥିବା ଫାୟାର-କ୍ଲେ ଇସ୍ପାତ, ସିମେଣ୍ଟ ଓ ଅନ୍ୟାନ୍ୟ କଳ କାରଖାନାରେ ଅଗ୍ନି ନିରୋଧ ଇଟ ଆକାରରେ ବ୍ୟବହୃତ ହୋଇଥାଏ ଓ ସ୍ପଞ୍ଜ ସାନଡାସ୍ ଓପ୍ସାର ପ୍ରସ୍ତୁତିରେ ମଧ୍ୟ ତାହା ବ୍ୟବହୃତ ହୁଏ ।

ଗ୍ରାଫାଇଟ୍—ପରମାଣୁ ପ୍ରଘୋତକ (ଆଟମିକ ରିଆକ୍ଟର) ରେ ନିୟାମକ ରୂପେ ବ୍ୟବହୃତ ହେଉଥିବା ଯୋଗୁ ଗ୍ରାଫାଇଟ୍‌କୁ ସୁରୋପଯୋଗୀ ଖଣିଜଦ୍ରବ୍ୟ ରୂପେ ଅଭିହିତ କରାଯାଇଥାଏ । ଧାତୁ ତରଳାଇବା ପାତ୍ର (କ୍ରୁସିବୁଲ୍), ବଳପତ୍ର, ମସୃଣ-କାରକ ପଦାର୍ଥ ଓ ପେନ୍ସିଲ୍ ଫେସିଙ୍ଗସ୍ ପ୍ରସ୍ତୁତ କରିବାରେ ଏହା ବ୍ୟବହୃତ ହୁଏ । ଏ ଗ୍ରାଫାଇଟ୍‌ଜାତ ଦ୍ରବ୍ୟର ଚାହିଦା ବୃଦ୍ଧି ପାଉଛି । ଗ୍ରାଫାଇଟ୍ ଆମଦାନୀ ମଧ୍ୟ ଅନୁରୂପ ଭାବରେ ବୃଦ୍ଧି ପାଉଛି ।

ଓଡ଼ିଶାରେ ଗ୍ରାଫାଇଟ ଖଣିଗୁଡ଼ିକ କଳହ କଳାହାଣ୍ଡି, ସମ୍ବଲପୁର ଓ ଢେଙ୍କାନାଳ ଜି ସୀମାବଦ୍ଧ । ଖଣ୍ଡାଲାଇଟ, ସ୍ଫଟିକ, ସ୍ଥୂଳକଣୀ ନ୍ୟୁଚ ଶୈଳ ଓ ସ୍ତର ସ୍ତର ଡୋଇ ରହିଥିବା ସ୍ଲେ ମଧ୍ୟରେ ଏହା ପତଳା ଛଲ ରହିଥାଏ । ବଲ୍ଲ କଳ୍ପର ବ୍ରାହ୍ମଣୀ, ଧାତୁଆଖମାଣ, ମଣ୍ଡଳୀ, ଚେ ଖୁଣ୍ଟି ଓ ବାଲ୍‌ବାହାଲ ଇତ୍ୟାଦି ସ୍ଥାନରେ, ଢେଙ୍କା କଳ୍ପାର କମାଲପୁର, ଦଣ୍ଡଚେରାପ, ଛତଲ କଳାହାଣ୍ଡି ଜିଲ୍ଲାର ସିଂହଟୁରଣି; ଢେନ୍କ ଖେରୁପଡ଼ା, କୋରାପୁଟ ଜିଲ୍ଲାର ମଜିଗେ କରିଗୁଡ଼ା, ଫୁଲବାଣୀ ଜିଲ୍ଲାର ଚୁମୁଣ୍ଡ ବ ସମ୍ବଲପୁର ଜିଲ୍ଲାର ସର୍ଭିସାଲଠାରେ କାର୍ଯ୍ୟ କରାଯାଇ ପାରିବା ଭଳି କେତେକ ଖଣି ରହିଛି । ମଧ୍ୟରୁ କେତେକ ଖଣିରେ ବର୍ତ୍ତମାନ କାର୍ଯ୍ୟ ଚ ଓ ଜଣେକ୍ତ ଜିଲ୍ଲାଗୁଡ଼ିକରେ ଆହୁରି ଅନେକ ଆବଶ୍ୟକ କରାଯିବାର ଉଜ୍ଜ୍ୱଳ ସମ୍ଭାବନା ରହିଛି ।

ଏହି ଗ୍ରାଫାଇଟରେ ଅଙ୍ଗାର (କାର୍ବନ) ଶତକଡ଼ା ୪୦ ଭାଗିଠାରୁ ଆରମ୍ଭ କରି ୭୦ ପର୍ଯ୍ୟନ୍ତ ରହିଛି । ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼ ପାଟନାଗଡ଼ଠାରେ ଥିବା କାରଖାନାରେ ଶତକଡ଼ା ୭୦—୯୦ ଭାଗ ଅଙ୍ଗାର ବାହାର ସାଇଥାଏ ।

ଘନାଭଫେରସ୍ ମାଗ୍‌ନେଟାଇଟ୍—ମୟୂରଭ ଜିଲ୍ଲାର କେତେକ ସ୍ଥାନରେ ଘନାଭଫେରସ ଟିଟାନଫେରସ ମାଗ୍‌ନେଟାଇଟ୍‌ର ସୁକ୍ଷ୍ମଚ ରହିଛି । ଗାବ୍ରୋ-ଆନର୍-ଥୋସାଇଟ ପଥର ଏହା ମିଶ୍ରିତ ଅବସ୍ଥାରେ ଥାଏ । ମୟୂରଭଞ୍ଜ

କୁମାର ଧୂଡ଼, ବେଚଙ୍ଗରଣ ଓ ବାଙ୍ଗାଚରା; କେଉଁଝରର ବଣ୍ଡଳା ପାହାଡ଼, ବାଲେଶ୍ୱର ଜିଲ୍ଲାର ବେତେଇ ଓ ରଙ୍ଗମାଟିଆଠାରେ ଗୁରୁତ୍ୱପୂର୍ଣ୍ଣ ଘନାଡ଼ଫେରସ ଓ ଟିଟାନଫେରସ୍ ମାଗ୍‌ନେଟାଇଟ ଖଣିଗୁଡ଼ିକ ରହିଛି । ଗୋଟିଏ ଫେରୋ-ଘନାଡ଼ୟମ୍ ଲୌହପିଣ୍ଡ କାରଖାନା ସ୍ଥାପନ କରିବା ନିମନ୍ତେ ମୟୂରଭଞ୍ଜ ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣରେ ଏହି ଖଣିଜ ଦ୍ରବ୍ୟ ରହିଥିବା ହେତୁ ସୁଜଙ୍ଗ ଖଣି ନିର୍ଦ୍ଦେଶାଳୟ ବ୍ୟାପକ ଅନୁସନ୍ଧାନ ଚଳାଇ ଜାଣି ପାରିଛନ୍ତି । ଖଣିଜ ଦ୍ରବ୍ୟର ପରିମାଣ ଦୃଷ୍ଟିରୁ ଉପରୋକ୍ତ ଖଣିଗୁଡ଼ିକ ମଧ୍ୟରୁ କୁମାରଧୂଡ଼ ଓ ବାଙ୍ଗାଚର ଖଣିର ଭବିଷ୍ୟତ ଉଜ୍ଜ୍ୱଳମୟ ।

କ୍ୱାର୍ଟଜାଇଟ୍—କାଚ, ଫେରୋ ସିଲିକନ୍ ଓ ଅନ୍ୟାନ୍ୟ ଫେରୋ-ଆଲୟ ପାଇଁ ଉପଯୋଗୀ କ୍ୱାର୍ଟଜାଇଟ୍ ମୟୂରଭଞ୍ଜ ଜିଲ୍ଲାର ସୋଲିଗ, ବାଲିମଣ୍ଡଳୀ, କଥର୍ଶୀ ପାଣିଜିଆ ଓ ବାଲିଡ଼ାବଲି; ଦଇତାରି—ଏମାନଙ୍କର ଉତ୍ତରରେ ଥିବା କେଉଁଝର ଜିଲ୍ଲାର ପାଡ଼ାଡ଼ ଓ କୋରପୁଟ ଜିଲ୍ଲାର ଜଲପୁରଠାରେ ଏହି ଖଣି ରହିଛି । ସୁଜଙ୍ଗ ଖଣି ନିର୍ଦ୍ଦେଶାଳୟ ଏହିସବୁ ଅଞ୍ଚଳରେ ବ୍ୟାପକ ଅନୁସନ୍ଧାନ ଚଳାଇଛନ୍ତି ଓ ସେଠାରେ ସର୍ବମୋଟ ୧୫୦ ନିୟୁତ ମେଟ୍ରିକ ଟନ କ୍ୱାର୍ଟଜାଇଟ ରହିଥିବା ଆକଳନ କରିପାରିଛନ୍ତି ।

ଏହି ସୁଜଙ୍ଗର ଅନ୍ୟାନ୍ୟ ଖଣିଜ ଦ୍ରବ୍ୟ ମଧ୍ୟରେ କ୍ୟାନାଇଟ ଅଭ୍ର, ସୋପ୍‌ଷ୍ଟୋନ୍, ଆଜ୍‌ବେଷ୍ଟସ୍, ରାଏଲେନ୍ସ, ବେରିଲ ଓ ମୋନାଜାଇଟ ଇତ୍ୟାଦି ଅନ୍ତର୍ଭୁକ୍ତ । ଏଥି ମଧ୍ୟରୁ ଗଞ୍ଜାମ ଜିଲ୍ଲାର ଗୋପାଳପୁର ଉପକୂଳରେ ବହୁଳ ପରିମାଣରେ ମୋନାଜାଇଟ ରହିଥିବା ସଂବାଦ ମିଳିଛି । ମୋନାଜାଇଟ ବ୍ୟତୀତ ଇଲ୍‌ମେନାଇଟ, ଗାରନେଟ୍ ଓ ଜିରକନ୍ ରହିଥିବା କଳାବାଲି (ବ୍ଲାକସାଣ୍ଡ) ସମ୍ବନ୍ଧରେ ଆନୁମିକ ମିନେରାଲ୍ ଡିଭିଜନ୍ ଅନୁସନ୍ଧାନ ଚଳାଇଛନ୍ତି ।

ଖଣିଜଦ୍ରବ୍ୟ ଉତ୍ପାଦନ—୧୯୬୫ ମସିହାରେ ଅଧିକାଂଶ ଖଣିଜ ଦ୍ରବ୍ୟର ଉତ୍ପାଦନ ବୃଦ୍ଧି ପାଇଥିଲା ଓ ଓଜଶାରେ ଉତ୍ପାଦିତ ଖଣିଜ ଦ୍ରବ୍ୟର ମୂଲ୍ୟ ଥିଲା ୧୩୫·୨ ନିୟୁତ ଟଙ୍କା । ସେହି ସମୟରେ ସମଗ୍ର ଭାରତରେ ୨,୩୨୯·୯ ନିୟୁତ ଟଙ୍କାର ଖଣିଜ ଦ୍ରବ୍ୟ ଉତ୍ପାଦିତ ହୋଇଥିଲା । ସମଗ୍ର ଦେଶରେ ଉତ୍ପାଦିତ ଖଣିଜ ଦ୍ରବ୍ୟ ମୂଲ୍ୟର ଶତକଡ଼ା ୭୧ ଭାଗ କେବଳ କୋଇଲାରୁ ମିଳିଥିଲା ।

ଓଡ଼ିଶାରେ ଉତ୍ପାଦିତ ଖଣିଜ ଦ୍ରବ୍ୟ ଓ ତତ୍ପରର ହିସାବ ନିମ୍ନରେ ପ୍ରଦତ୍ତ ହେଲା—

ଓଡ଼ିଶାରେ ଖଣିଜ ଦ୍ରବ୍ୟ ଉତ୍ପାଦନର ଆଭିମୁଖ୍ୟ

(ଉତ୍ପାଦନ ହିସାବ ମେଟ୍ରିକ ଟନ୍‌ରେ ପ୍ରଦତ୍ତ ହୋଇଛି)

	୧୯୬୫	୧୯୬୮	୧୯୬୯
କ୍ରୋମାଇଟ୍—୪,୭୧୫,୧୫୮ (୧୨,୩୦୧,୮୦୫)	୨,୯୩୩,୭୫୮ (୧୭,୯୦୦,୯୭୭*	୫,୫୪୩,୧୬୮	୪,୫୪୫,୧୬୮
ମାଙ୍ଗାନିଜ—୩୩୧,୦୪୧ (୧,୨୩୦,୦୨୪)	୪୫୩,୯୫୪ (୧,୫୦୩,୫୭୮*)	୩୧୩,୪୭୫	୩୧୩,୪୭୫
ଲୋମାଇଟ୍—୩୧,୦୧୧ (୪୮,୭୮୫)	୫୭,୮୦୪ (୫୧,୭୭୨)	୬୮,୧୧୪	୬୮,୧୧୪
ଚୂନପଥର—୨,୧୯୨,୫୧୪ (୧୪,୫୭୭,୯୫୨)	୨,୪୪୧,୯୦୯ (୧୯,୮୫୫,୦୮୮	୫,୨୩୨,୧୮୫	୨,୨୩୨,୧୮୫
ଡୋଲୋମାଇଟ୍—୪୮୪,୮୮୭ (୭୨୨,୧୯୦)	୪୭୭,୭୧୨ (୯୫୭,୫୮୩)	୩୦୪,୫୩୩	୩୦୪,୫୩୩

* କେବଳ ଶାସିତ ଗୋଅର ଉତ୍ପାଦନ ହିସାବରୁ ବାଦଦେଇ

	୧୯୭୪	୧୯୭୫
କୋଇଲା—୪୭୨,୦୦୦ (୫୬,୨୭୫,୦୦୦)	୧,୦୪୧,୭୪୧	୧,୨୦୨,୭୪୨ (୭୭,୧୭୧,୦୦
ଡୋଲୋମାଇଟ—୨୮,୬୦୫ (୫୮୩,୪୭୩)	୧୫,୧୫୩	୧୨,୭୦୦ (୮୮,୮୧
ଫାସ୍ଫାର-ଚକ୍—୧୦୩,୭୨୫ (୨୮୨,୪୮୩)	୭୮,୮୧୫	୭୭,୭୨୭ (୪୨୫,୦୦
ଗ୍ରାଫାଇଟ୍—୧,୦୭୮	୧,୭୪୫	୨,୪

କଲ୍ପନା ମଧ୍ୟରେ ଥିବା ଅଙ୍କ ସଙ୍କ୍ଷାରଣୀୟ ଉତ୍ପାଦନ ହ୍ରାସ ସୂଚୁଛି ।

ଅନ୍ୟାନ୍ୟ ଖଣିଜ ଦ୍ରବ୍ୟ ଯଥା ଆନ୍ଦ୍ରୋବସ୍ଥୁ, ଅଭ୍ର, କ୍ୱାର୍ଟଜାଇଟ୍ ଓ ଚୋପ ଷ୍ଟୋନ ଅଳ୍ପ ପରିମାଣରେ ଉତ୍ପାଦନ କରୁଥାଉଛୁ ।

ଖଣିଜଦ୍ରବ୍ୟ ଉତ୍ତୋଳନ ସଂପର୍କରେ ଭବିଷ୍ୟତ ଦୃଷ୍ଟିଭଙ୍ଗି—ଆମର ପଞ୍ଚବାର୍ଷିକ ଯୋଜନାଗୁଡ଼ିକରେ ଶିଳ୍ପ ପ୍ରସାର ପାଇଁ ବିଶେଷ ବ୍ୟବସ୍ଥା ଥିବାରୁ ସେଥିପାଇଁ ଭେବଳ ଯେ ଖଣିଜ ସଂପଦର ଦ୍ରୁତ ବିକାଶ ଦରକାର ତାହା ନୁହେଁ, ଅଧିକନ୍ତୁ ପରିବହନ ଓ ଯୋଗାଯୋଗ ବ୍ୟବସ୍ଥା ବନ୍ଦର ସୁବିଧା ଓ ବିଦ୍ୟୁତ ଶକ୍ତିର ଦ୍ରୁତ ଉତ୍ତୋଳନ ଅପରିହାର୍ଯ୍ୟ ହୋଇ ପଡ଼ିଛି । ସମସ୍ତ ବିଷୟ ବିଶ୍ଳେଷଣ କରି ଦେଖିଲେ ଏହି ସବୁ ଉତ୍ତୋଳନର ସୁଫଳ ଆମ ରାଜ୍ୟ ମଧ୍ୟରେ ସୀମାବଦ୍ଧ ନ ରହି ସମସ୍ତ ଦେଶରେ ପରିବ୍ୟାପ୍ତ ହେବ ।

ଖଣିଜ ଦ୍ରବ୍ୟର ଆବିଷ୍କାର ଓ ଉତ୍ପାଦନ ଫଳରେ ଖଣିଜ ଦ୍ରବ୍ୟକୁ ଭିତ୍ତି କରି ଦେଶରେ ବହୁ କାରଖାନା ବିଗତ ଅଳ୍ପ କେତେ ବର୍ଷ ମଧ୍ୟରେ ଏହି ରାଜ୍ୟରେ ଗଢି ଉଠିଛି ଓ ସେଥିମଧ୍ୟରୁ ଅନେକ କାରଖାନାର ସଂପ୍ରସାରଣ ଓ ଆଧୁନିକୀକରଣ ମଧ୍ୟ ସମ୍ଭବ ପର ହୋଇ ପାରିଛି । ଖଣିଜ ସଂପଦ ଓ ବିଦ୍ୟୁତ୍ ଶକ୍ତିର ପ୍ରାଚୁର୍ଯ୍ୟ ହେତୁ ପୂର୍ବରୁ ଥିବା ବହୁ କାରଖାନା ଓ ନୂତନ ବହୁ କାରଖାନାରେ ଖଣିଜ ସଂପଦର ଅ ବିନିଯୋଗ ସଫାଶେ ପ୍ରଶସ୍ତ ସ୍ଥେତ ରହିଛି ଓ ଉତ୍ପା ନିମନ୍ତେ ମଧ୍ୟ ସୁବିଧା ରହିଛି ।

ଲୁହା ଓ ଇସ୍ପାତ କାରଖାନା

ସହଜରୁ ମିଳୁଥିବା ଲୁହା ଓ ମାଙ୍ଗାନିଜ ପଥର ପଶ୍ଚାଞ୍ଚଳରେ ଅବସ୍ଥିତ ସମସ୍ତ ଇସ୍ପାତ କାରଖାନାକୁ ଯୋଗାଇ ହୋଇପିବା ପରେ ବି ରପ୍ତାନି କରାଯାଇ ପଠାଯାଇଥାଏ । ଇସ୍ପାତ କାରଖାନାଗୁଡ଼ିକର ପୂରଣ କରିବା ଉଦ୍ଦେଶ୍ୟରେ ସୁନ୍ଦରଗଡ଼ ଜିଲ୍ଲାରୁ ମିଳୁଥିବା ପ୍ରକୃତମାଣର ଫ୍ଲକ୍ସ-ଗ୍ରେଡ୍ ଚୂନପଥର ଓ ଡୋଲମାଇଟ୍ ସେହି କାରଖାନାଗୁଡ଼ିକୁ ଯୋଗାଇ ହୋଇଯାଏ । ପ୍ରସ୍ତାବିତ ବୋକାରୋ ଇସ୍ପାତ କାରଖାନା ନିଜର ଅଧିକାଂଶ ଅତ୍ୟାବଶ୍ୟକ କଞ୍ଚାମାଲ ଓଡ଼ିଶାର ଖଣିଗୁଡ଼ିକରୁ ନେଇପାରିବ । ଓଡ଼ିଶାରେ କେତେ ଦଶାର ନଯୁତ ଟନ୍ ଲୁହାପଥର ରହିଥିବା ଦୃଷ୍ଟି ଏପର୍ଯ୍ୟନ୍ତ ଯେଉଁଗୁଡ଼ିଏ ଇସ୍ପାତ କାରଖାନା ସ୍ଥାପିତ ହୋଇଛି ଓ ଭବିଷ୍ୟତରେ ଯେଉଁଗୁଡ଼ିଏ ସ୍ଥାପି ହେବ ସେହି ସମସ୍ତ କାରଖାନାକୁ ପ୍ରାୟ ଏକ ଶତାବ୍ଦି

ଫେରୋ-ଆଲୟ

କଟକ ଜିଲ୍ଲାର ସୁକିନ୍ଦା ଅଞ୍ଚଳରେ ଥିବା କ୍ରୋମାଇଟ୍ ଖଣି ଦେଉଛି ସମଗ୍ର ଦେଶରେ ବୁହତ୍ତମ । ଏହି ଖଣିରେ ୩୩ ନିୟୁତ ଟନ୍ କ୍ରୋମାଇଟ୍ ରହିଛି ଓ ସେଥିମଧ୍ୟରୁ ଅଧିକ ଘଗ ମେଟାଲର୍ଜି ଶ୍ରେଣୀର । ଏହି ଅଞ୍ଚଳରେ ମଧ୍ୟ ଯଥେଷ୍ଟ ପରିମାଣରେ କ୍ରାଇସୋଟାଇଟ୍ ରହିଛି । ତାଳଚେରରୁ ବିଦ୍ୟୁତ୍‌ଶକ୍ତି ମିଳିପାରିବ । ଏହିସବୁ ବିଷୟ ବିଚାର କରି ଓଡ଼ିଶା ଶିଳ୍ପ ଉନ୍ନୟନ କର୍ପୋରେସନ୍ ସାଜପୁର ଗ୍ରୋଥ୍‌ଠାରେ ଗୋଟିଏ ଫେ-କାର୍ବନ ଫେରୋ କ୍ରୋମ୍ କାରଖାନା ସ୍ଥାପନ କରିବାରେ ଅଗ୍ରସର ହୋଇଛନ୍ତି ।

ଯେ କୌଣସି ପ୍ରକାରରେ ହେଉ ନା କାହିଁକି ଏହି କାରଖାନାର ନିର୍ମାଣ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ ହେବା ଆବଶ୍ୟକ ।

ମୟୂରଭଞ୍ଜ ଜିଲ୍ଲାରେ ପ୍ରଚୁର ପରିମାଣରେ ହାଇ ଗ୍ରେଡ୍ ମାଗ୍‌ନେଟାଇଟ୍ ଥିବା ଦୃଷ୍ଟିରୁ ସେହି ଅଞ୍ଚଳରେ ଫେରୋସ୍ପାଇନେଲ୍ ଓ ସ୍ପାଇନେଲ୍ ଲୁହା-ପିଣ୍ଡ ଉତ୍ପାଦନ ନିମନ୍ତେ ଏକ ସମନ୍ୱିତ କାରଖାନା ସ୍ଥାପନ କରିପାରିବାର ଉଜ୍ଜ୍ୱଳ ସମ୍ଭାବନା ରହିଛି । ବିଦ୍ୟୁତ୍‌ଶକ୍ତିର ଅଭାବ ଏହାର ପ୍ରତିବନ୍ଧକ ହୋଇ ରହିଥିଲା । ମାତ୍ର ବର୍ତ୍ତମାନ ପ୍ରଚୁର ପରିମାଣରେ ବିଦ୍ୟୁତ୍‌ଶକ୍ତି ମିଳୁଥିବା ଓ ସ୍ପାଇନେଲ୍ ଖଣି ସମ୍ପର୍କରେ ଅନୁସନ୍ଧାନ ହୋଇପାରିଥିବା ଦୃଷ୍ଟିରୁ ଏହି କାରଖାନା ସ୍ଥାପନ କରିବାରେ ଅଧିକ ଉଦ୍ୟମ ହେବା ନିତ୍ୟପ୍ରୋଜନ । ଓଡ଼ିଶା ଶିଳ୍ପଉନ୍ନୟନ କର୍ପୋରେସନ୍ ଏ ଦିଗରେ ପ୍ରଥମ ପଦକ୍ଷେପ ଗ୍ରହଣ କରିଥିବାରୁ ଉକ୍ତ କର୍ପୋରେସନ୍‌କୁ ଉତ୍ସାହିତ କରିପାରିବା ଉଚିତ ।

କୋଇଲାଉପରେ ନିର୍ଭରକରୁଥିବା କଲକାରଖାନା

ତାଳଚେର ଅଂଚଳରେ ପ୍ରଚୁର ପରିମାଣରେ କୋଇଲା ରହିଥିବା ଦୃଷ୍ଟିରୁ ସେହି ଅଂଚଳରେ ପ୍ରଚୁର ଲୁହାପଥର ଯୋଗାଇ ଦିଆଯାଇପାରିବ ବୋଲି ନିଶ୍ଚିତରୂପେ କୁହାଯାଇପାରେ । ଏହା ବାଦ୍ ରପ୍ତାନି କରିବାପାଇଁ ମଧ୍ୟ ଯଥେଷ୍ଟ ଲୁହାପଥର ବଳକା ରହିବ । ଏହି ପରିପ୍ରେକ୍ଷୀକୁ ଆଗି ଆଗରେ ରଖି କେନ୍ଦ୍ରପଡ଼ାର ଜିଲ୍ଲାର ନତ୍ୟାଗଡ଼ ଅଞ୍ଚଳରେ ଗୋଟିଏ ବୃହତ୍ ଧରଣର ଲୁହା ଓ ରପ୍ତାନି କାରଖାନା ସ୍ଥାପନ କରିବା ପ୍ରସ୍ତାବ ବିଚାର କରାଯାଇପାରେ, କାରଣ ବୃହତ୍ ଧରଣର କାରଖାନା ସ୍ଥାପନ କରିବା ନିମନ୍ତେ ଆବଶ୍ୟକ ହେଉଥିବା ଜମି, ଜଳ, ବିଦ୍ୟୁତ୍‌ଶକ୍ତି ଓ ଜାମାଇ ଏହି ସ୍ଥାନରେ ରହିଛି । ଦେଶର ଅନ୍ୟ-କୌଣସି ସ୍ଥାନରେ ଏହି ପ୍ରକାର ସୁବିଧା ପ୍ରାପ୍ତ ହେଉ-ଥାଏ ନାହିଁ ।

ରପ୍ତାନି ଦୃଷ୍ଟିରୁ ବିଚାର କଲେ ପାରାଦୀପ ବନ୍ଦର ସହିତ ନତ୍ୟାଗଡ଼-ବାଁଶପାଣି ଅଞ୍ଚଳ ରେଳପଥଦ୍ୱାରା ସଂଯୁକ୍ତ ହେବା ଆବଶ୍ୟକ, କାରଣ ଏହାଦ୍ୱାରା ଲୁହା-ପଥର ରପ୍ତାନି କାର୍ଯ୍ୟ ଦୀର୍ଘକାଳ ଧରି ଚଳିପାରିବ । ବର୍ତ୍ତମାନ ଯେଉଁ ବନ୍ଦର ରହିଛି ତା ନିମନ୍ତେ ହେଉଛି ସ୍ୱେଚ୍ଛୁଡ଼ଳ ଅପେକ୍ଷା ପାରାଦୀପ ବନ୍ଦର ନିକଟତର । ତଉଡ଼ାର ସହିତ ପାରାଦୀପକୁ ରେଳପଥଦ୍ୱାରା ସଂଯୁକ୍ତ କରିବାପାଇଁ ଦୃଢ଼ ଦାବୀ ହେଇଥିବା ଦୃଷ୍ଟିରୁ ସେହି ରେଳପଥକୁ ଆଜି ଯିଏ ସଂପ୍ରସାରିତ କରିବାକୁ ପଡ଼ିବ । ତାଳଚେରକୁ ଜାମୁଗୋ (କନ୍ଦମୁଣ୍ଡା-ଜାମୁଗୋ ସଂଯୋଗ ପଥ) ସହିତ ସଂଯୁକ୍ତ କରିବା ବହୁ ଧନରୁ ଆବଶ୍ୟକ ହେଇଛି । ଏହାଦ୍ୱାରା ପାରାଦୀପ ବନ୍ଦରକୁ ସିଧାସଳଖ ରେଳପଥ ବ୍ୟବସ୍ଥା କରିପାରିବା ସଙ୍ଗେ ସଙ୍ଗେ ଖଣିଜସମୃଦ୍ଧ ସୁନ୍ଦରଗଡ଼ ଅଞ୍ଚଳ ଓ ଉତ୍ତିନ ଓଡ଼ିଶାର ଶିଳ୍ପସଂସ୍ଥାଗୁଡ଼ିକୁ ଉପକୂଳକର୍ତ୍ତୀ ଜିଲ୍ଲାଗୁଡ଼ିକର ନିକଟତର କରାଯାଇପାରିବ । ସୁଜ୍ୟରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ରେଳପଥ ହୋଇପାରିବା ଦୃଷ୍ଟିରୁ ଏଥିପ୍ରତି ତୁରନ୍ତ ନଜର ଦିଆଯିବା ଆବଶ୍ୟକ ।

କୋଇନ୍ଦ ଉପରେ ନର୍ଭରକରି ଏକ ଶିଳ୍ପ-ସମନ୍ୱୟ ସ୍ଥାପନ କରିବାଳନ୍ତେ ଓଡ଼ିଶା ଶିଳ୍ପ ଉନ୍ନୟନ କର୍ପୋରେସନ୍ ବ୍ୟାପକ ଅନୁସନ୍ଧାନ ଓ ଗବେଷଣା ଆରମ୍ଭ କରିଛନ୍ତି । ୧୯୮୮ ଲକ୍ଷ ମେଟ୍ରିକ୍‌ଟନ୍ ସ୍ପାସ୍ପୁନକ ସାର ଓ ସ୍ପାସ୍ପୁନକ ଦ୍ରବ୍ୟ ଉତ୍ପାଦନ ସାମର୍ଥ୍ୟ ବିଶିଷ୍ଟ ଲୌହ-ପିତ୍ତ କାରଖାନା ଏହା ଯୋଜନାର ଅନ୍ତର୍ଭୁକ୍ତ । ଏହି କାରଖାନା ସ୍ଥାପନ କରିପାରି ସମ୍ଭାବନା ଓ ଏହାର ଅର୍ଥନୀତି ଉପଯୁକ୍ତ ବସ୍ତର ଉପରେ ପ୍ରତିଷ୍ଠିତ । ଆଜି ଆମେ ସ୍ପାସ୍ପୁନକ ସାର ବିଶେଷରୂପେ ଦରକାର କରୁଥିବା କେବଳ ୧୫୦ ଲକ୍ଷ ମେଟ୍ରିକ୍‌ଟନ୍ ସ୍ପାସ୍ପୁନକ ସାର ଉତ୍ପାଦନ-କ୍ଷମ ଏହି କାରଖାନା ଅଳ୍ପ କିଛିଦିନ ଭିତରେ ଆରମ୍ଭ କରିପିବା ଜରୁରୀ ହୋଇ ପଡ଼ିଛି ।

ଆଲୁମିନିୟମ୍ କାରଖାନା

କଳାହାଣ୍ଡି ଓ କୋରାପୁଟ ଜିଲ୍ଲାର ଅଧିତ୍ୟକାରେ ୨ ନମ୍ବର ମେଟ୍ରିକ ଟନ ମେତାଲର୍ଜିଗ୍ରେଡ୍ ବକ୍ସାଇଟ୍ ରହିଥିବା ଅନୁସନ୍ଧାନରୁ ଜଣାଯାଇଛି । ଆଲୁମିନିୟମ ଉତ୍ପାଦନ ପାଇଁ ଆବଶ୍ୟକ କେବଳ ସୁଲଭ ମୂଲ୍ୟରେ ବିଦ୍ୟୁତ୍ ଶକ୍ତି । ୩୬୦ ମେଗାଓ୍ୱାଟ ବିଦ୍ୟୁତ୍‌ଶକ୍ତି ଉତ୍ପାଦନକ୍ଷମ ବାଲିମେଲା ଯୋଜନାରୁ ବିଦ୍ୟୁତ୍‌ଶକ୍ତି ମିଳିପାରିବା ଯୋଗୁଁ ଏହି ଅଂଚଳରେ ଆଲୁମିନିୟମ ତରଲାଇବା ପାଇଁ ଗୋଟିଏ କାରଖାନା ସ୍ଥାପନ କରିପିବା ସବୁଦିଗରେ ଯଥେଷ୍ଟ କାରଣ ରହିଛି । ଏହି ସମ୍ଭାବନା କାର୍ଯ୍ୟକାରୀ କରିପିବା ଉଚିତ ।

ସିମେଣ୍ଟ

କୋରାପୁଟ ଜିଲ୍ଲାର ବସ୍ତର ଅଂଚଳରେ ଚୂନପଥର ରହିଥିବା ବିଷୟ ଗତ କେତେବର୍ଷଧରି ସୁବିଦିତ । ଅନୁସନ୍ଧାନରୁ ଜଣା ପଡ଼ିଅଛି । ଏକ ସମୟରେ ଦୁର୍ଗମ୍ୟ ଥିବା କୋରାପୁଟ ଜିଲ୍ଲାର ଅଭ୍ୟନ୍ତର ବର୍ତ୍ତମାନ ରେଳପଥ ଦ୍ୱାରା ସଂଯୁକ୍ତ । ଏହି ଜିଲ୍ଲାର ଚୂନପଥର ଖଣିଗୁଡ଼ିକରେ ୧୦୦ ନିଯୁତ ଟନ୍‌ରୁ ଅଧିକ ପରିମାଣର ପଥର ରହିଛି ଓ ଏହାର ପୃଷ୍ଠଭୂମିରେ ବାଲିଆ ଜଳବିଦ୍ୟୁତ୍ କେନ୍ଦ୍ର ଅବସ୍ଥିତ । ଏହି ସବୁ ବସ୍ତୁରୁ କୁହାଯାଇପାରେ ଯେ ଏହି ଜିଲ୍ଲାରେ ଏକ ବଡ଼ ଧରଣର ସିମେଣ୍ଟ କାରଖାନା ସୁପ୍ରତିଷ୍ଠିତ ହୋଇପାରିବ ।

ଉପରୋକ୍ତ ଖଣିଜଦ୍ରବ୍ୟଗୁଡ଼ିକ ବ୍ୟତୀତ କାଗଜ କାରଖାନା, ମୃତ୍ତିକାଶିଳ୍ প, ରଙ୍ଗ କାରଖାନା, ପେଣ୍ଟ୍ ଅଲ୍‌ସ୍ ଓ ଇଲେକ୍‌ଟ୍ରୋଲାଇଟିକ୍ ମାଙ୍ଗାନିଜ୍ କାରଖାନା ଇତ୍ୟାଦିରେ ବ୍ୟବହୃତ ହେବାକ୍ଷମ ପ୍ରଚୁର ପରିମାଣରେ କଞ୍ଚାମାଲ ମିଳିପାରିବ ।

ନିଜର ଅର୍ଥନୀତିକୁ ସମୃଦ୍ଧ କରିବାକୁ ହେଲେ ଓଡ଼ିଶା ନିଜର ପ୍ରାକୃତିକ ସମ୍ବଳକୁ ଯୋଜନାବଦ୍ଧ ଭାବରେ ବିନିଯୋଗ କରିବା ଆବଶ୍ୟକ । ଏହାରି ପରିପ୍ରେକ୍ଷୀରେ ଗ୍ରହଣ କରାଯାଇଛି । କାରଖାନା ସ୍ଥାପନ ସଂପର୍କରେ ଯେଉଁ ସବୁ ସୂଚନା ଦିଆଯାଇଛି ସେଗୁଡ଼ିକ ବେଶ୍ ଆକର୍ଷଣୀୟ । ସରକାର ଓ ବେସରକାରୀ ଯେଉଁ ସଂସ୍ଥା ଏଥିରେ ମନଯୋଗ କରନ୍ତୁ ନା କାହିଁକି ସେମାନେ ଯେ ଲାଭବାନ୍ ହୋଇପାରିବେ ତାହା ନିଶ୍ଚିତରୂପେ କୁହାଯାଇପାରେ ।



ରବୀନ୍ଦ୍ର ଜୟନ୍ତୀ ଉତ୍ସବରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ସଭାରେ ସାଂସ୍କୃତିକ ବ୍ୟାପାର ମନ୍ତ୍ରୀ
ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ବକ୍ତୃତା ଦେଉଛନ୍ତି ।

ଓଡ଼ିଶା ସରକାରଙ୍କ ସହାୟତାରେ ଭୁବନେଶ୍ୱରଠାରେ ଫଟୋ ଏକ୍ସପ୍ରେସ ଅନୁଷ୍ଠାନ ସ୍ଥାପନ କରାଯାଇଛି ।
ଏହି ଅନୁଷ୍ଠାନରେ ଭୂତତ୍ତ୍ୱ, ମୃତ୍ତିକା ସର୍ଭେ ଓ ଜଙ୍ଗଲ ବିଷୟରେ ଫଟୋ ଏକ୍ସପ୍ରେସ କୌଶଳ ବିଷୟ ପ୍ରୟୋଗ
କରିପିବା ସେ ବିଷୟରେ ଶିକ୍ଷା ଦିଆଯାଏ ।

ସ୍ୱାସ୍ଥ୍ୟ ଉତ୍ତର ମନ୍ତ୍ରୀ ଶ୍ରୀ ଭବ୍ୟବର ପଣ୍ଡେମ ଭୌଣଲ୍ୟାଗଙ୍ଗଠାରେ ମେ ମାସ ତା ୩ ତାରିଖରେ ସାମ୍ବାଦିକମାନଙ୍କ ସମାବେଶରେ ଅଭିଭାଷଣ ଦେଉଛନ୍ତି ।

ଉତ୍ତର କାଙ୍ଗର ନ୍ୟାସନାଲ ଉଦ୍ୟାନର ନୂତନ ସ୍ୱତନ୍ତ୍ର ରୁଟସ ଡେଭ୍ରି ଆଲିଅମେଣ୍ଟ ଘରଠାରେ ମେ' ମାସ ତା ୩ ତାରିଖ ଦିନ ଶପଥ ପାଠ କରୁଛନ୍ତି । ସୁପ୍ରିମ କୋର୍ଟର ଚିଫ୍ ଜଷ୍ଟିସ୍ ଶ୍ରୀ ଡେ. ଏନ୍. ଓ୍ୱାଂଚୁ ତାଙ୍କୁ ଶପଥ ପାଠ କରାଇଛନ୍ତି । ବିଚାରପତି ସ୍ୱତନ୍ତ୍ରତର ଡକ୍ଟର୍ ଏସ୍. ରାଧାକୃଷ୍ଣନ ମଧ୍ୟ ଉକ୍ତ ଉତ୍ସବରେ ଉପସ୍ଥିତ ଅଛନ୍ତି ।

ଓଡ଼ିଶାର ହସ୍ତଶିଳ୍ପ ପାଇଁ ଜାତୀୟ ପୁରସ୍କାର

ଓଡ଼ିଶାର ସ୍ଥାପତ୍ୟ ଏବଂ ହସ୍ତଶିଳ୍ପ ମଧ୍ୟ ବହୁ ପ୍ରାଚୀନକାଳରୁ ଜ୍ୟାଜ୍ୱଲ୍ୟ କରି ଆସିଛି । ପଥର ଓ ଖଡ଼ପଥର ଛଆରି ମୂର୍ତ୍ତି, ପ୍ରସ୍ତରଚିତ୍ର, ସୋଲ୍ କାମ, ଶିଙ୍ଗ କାମ, କଂସା ଓ ପିତ୍ତଳ ବାସନ, କାଠ କାମ, ଚାନ୍ଦିର ଛଆରି କଳାପତ୍ର, ରୁପାର ତାରକସି କାମ, ରଙ୍ଗବିରଙ୍ଗା ଶାଢ଼ୀ ଓ ପରଦା ପାଇଁ ଓଡ଼ିଶା ସାରାଦେଶ ଓ ବିଦେଶରେ ଯଥେଷ୍ଟ ଖ୍ୟାତି ଅର୍ଜନ କରିଛି ।

ଓଡ଼ିଶାର ହସ୍ତଶିଳ୍ପ ଐତିହ୍ୟ ଅତି ପ୍ରାଚୀନ ଓ ବଳିଷ୍ଠ ପରମ୍ପରା ଉପରେ ପ୍ରତିଷ୍ଠିତ । ଧର୍ମପ୍ରାଣ ଓଡ଼ିଆଜାତି, ପୁରୀ, ଭୁବନେଶ୍ୱର ଓ କୋଣାର୍କର ମନ୍ଦିର ଗାତ୍ରରେ ଇତିହାସ ଓ ପୁରାଣକୁ ଯେପରି ରୂପାୟିତ କରି ପାରିଛି, ହସ୍ତଶିଳ୍ପ ମାଧ୍ୟମରେ ମଧ୍ୟ ଏ ଜାତିର ସୂକ୍ଷ୍ମ ଓ ଜଟିଳ ରୁଚିକୁ ସେହିପରି ପ୍ରତିଫଳନ କରି ଫୁଟାଇ ପାରିଛି । ବିଭିନ୍ନ ହସ୍ତଶିଳ୍ପରେ ବ୍ୟବହାର କରାଯାଉଥିବା ଉପାଦାନ, ରଙ୍ଗବିନ୍ୟାସ ଓ ଅଳଙ୍କାର କୌଶଳ ପ୍ରତ୍ୟେକଟି ଓଡ଼ିଆ ଶିଳ୍ପୀର ନିଜସ୍ୱ ଓ ଏକାନ୍ତିକତାର ସେ ଏକ ଅପୂର୍ବ ଅନୁଭୂତି ଓ ପ୍ରଫୁଲ୍ଲତା ଲାଭ କରିଛି ଯେ କାରଣରୁ ସେ କୌଣସି ଦେଶର ଶିଳ୍ପୀ ତା'ସମକକ୍ଷ ହେବାକୁ ବହୁ ସାଧନା ଓ ସମୟ ଦରକାର ।

ଇଂରାଜ ଶାସନରେ ବହୁ ପୂର୍ବରୁ ଓଡ଼ିଶାର ହସ୍ତଶିଳ୍ପ ଏ ସମସ୍ତଙ୍କ ସ୍ୱାଧୀନ ଶାସକମାନଙ୍କ 'ପୃଷ୍ଠପୋଷକତା ସତ୍ତ୍ୱେ ଉତ୍କର୍ଷତାର ଉତ୍ତୁଙ୍ଗଯୋଗ୍ୟ ଉଚ୍ଚତା ଲାଭକରିଥିଲା । ସେ ସମୟର ରପ୍ତାନିଯୋଗ୍ୟ ପଣ୍ୟ ମଧ୍ୟରେ ହସ୍ତଶିଳ୍ପ ଜାତ ଜିନିଷଗୁଡ଼ିକ ବିଦେଶୀ ବଜାରରେ ଖୁବ୍ ପ୍ରତିଷ୍ଠା ଲାଭ କରି ପାରିଥିଲା ଓ ଓଡ଼ିଶା ସେ ବାବଦରେ ବହୁ ଅର୍ଥ ଉପାର୍ଜନ କରିବାକୁ ସମର୍ଥ ହୋଇଥିଲା । ବିଦେଶୀ ଶାସନକାଳରେ ଓଡ଼ିଶାର ହସ୍ତଶିଳ୍ପ ସ୍ୱାଭାବିକ ପୃଷ୍ଠପୋଷକତା ପାଇବାରୁ ବଞ୍ଚିତହୋଇ ବହୁ ମୁମୂର୍ଷ ଅବସ୍ଥାରେ ରହିଥିଲା । ତଥାପି ଏହା ଆମ ଜାତୀୟ ଜୀବନର ଏକ ବିଶିଷ୍ଟ ଅଙ୍ଗ ହୋଇଥିବାରୁ କୌଣସି ମତେ ବଞ୍ଚି ରହିବାକୁ ସମର୍ଥ ହୋଇଥିଲା । ଏହି ସମସ୍ତରେ ଓଡ଼ିଶାର ହସ୍ତଶିଳ୍ପଗୁଡ଼ିକ ଓଡ଼ିଶାକୁ ଆସୁଥିବା ଅଜସ୍ର ଯାତ୍ରୀଯାତ୍ରୀଙ୍କ ଆଦର ଓ ସହାନୁଭୂତି ଉପରେହିଁ ଭିତ୍ତି ରହିପାରିଥିଲା । ସାରତର ବିଭିନ୍ନ ପ୍ରାନ୍ତରୁ ପୁରୀ, ଭୁବନେଶ୍ୱର ଓ କୋଣାର୍କ ପରିଦର୍ଶନରେ ଆସୁଥିବା ଯାତ୍ରୀଯାତ୍ରୀମାନେ ବାଡ଼ୁଡ଼ି ଗଲ୍ପବେଳେ ଓଡ଼ିଶାର ହସ୍ତଶିଳ୍ପରୁ କିଛି କିଛି କିଣି ନେଇଥିଲେ ଓଡ଼ିଶା ଭ୍ରମଣର ସ୍ମୃତି ସ୍ୱରୂପ ।

ସ୍ୱାଧୀନତା ଲାଭ ପରେ ଓଡ଼ିଶାର ହସ୍ତଶିଳ୍ପୀ-ମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ନାନା ଭାବରେ ଉଦ୍ୟମ କରାଯାଇଛି ଆଧୁନିକ ଯୁଗର ରୁଚି ଓ ଚାହିଦା ଦୃଷ୍ଟିରୁ ବିଭିନ୍ନ ଜିନିଷର ନକ୍ସା ଓ ଗଠନ-ପ୍ରଣାଳୀ ପରିବର୍ତ୍ତନ କରିବା ଆବଶ୍ୟକ ହେଉଥିବାରୁ ହସ୍ତଶିଳ୍ପୀମାନଙ୍କୁ ନୂଆ ନୂଆ ନକ୍ସା ଓ ନମୁନା ଯୋଗାଇ ଦିଆଯାଉଛି । ସେମାନେ ତିଆରି କରୁଥିବ ଜିନିଷର ବିକିବଟା ପାଇଁ ଓଡ଼ିଶା ହସ୍ତଶିଳ୍ପ ନିଗମ କରିଆରେ ଉଦ୍ୟମ କରାଯାଉଛି । ହସ୍ତଶିଳ୍ପୀ ନିଗମ ଜରିଆରେ ଉଦ୍ୟମ କରାଯାଉଛି । ହସ୍ତଶିଳ୍ପୀ ସମବାୟ ସମିତିମାନ ଗଠନ କରାଯାଇ ଶିଳ୍ପୀମାନଙ୍କୁ ମୂଲଧନ ଓ କଞ୍ଚାମାଲ ଯୋଗାଇ ଦିଆଯାଉଛି ଓ ସେମାନଙ୍କ ତିଆରି ଜିନିଷଗୁଡ଼ିକ ମଧ୍ୟ ଉଚିତ ମୂଲ୍ୟରେ କିଣି ନେବାର ବ୍ୟବସ୍ଥା କରାଯାଉଛି । ସୁଖର ବିଷୟ ଏହି

ଆଇନ ଜାରି ହେବା ପରେ ଜଟକରେ ବଡ଼ ସୃଷ୍ଟି-ଶିଳ୍ପୀ ବେକାର ହୋଇଗଲେ । ସେମାନଙ୍କ ଅଇଆନ ଜରିଆ ଜଗନ୍ନାଥଙ୍କର କଳଙ୍କ ସମବାୟ ଚାରକସି ସମିତି ଗଢ଼ାଯାଇଛି । ଏଠାରେ ବଇନ୍ଦ ଧରଣର ରୂପା ଚାରକସି କାମ ହେଉଛି ଓ ସେଗୁଡ଼ିକ ବିକି ଜରିବା ପାଇଁ ଦିଲ୍ଲୀ, କଲିକତା, ବମ୍ବେ ପ୍ରଭୃତି ବଇନ୍ଦ ସ୍ଥାନରେ ବିକ୍ରୟକେନ୍ଦ୍ର ମାନ ଖୋଲାଯାଇଅଛି । ଏଠାରେ ଅନ୍ୟାନ୍ୟ ଚାରକସି କାମ ଛଡ଼ା ସେମାନେ ଘରୋଇ ବ୍ୟବହାର ପାଇଁ ନୂଆ ପ୍ରଣାଳୀର ଆଦରଣୀୟ କରିଛନ୍ତି । ଅଳ୍ପ ସମୟ ମଧ୍ୟରେ ଏସ୍ ଏଲ୍ ଏକ ବ୍ୟବସାୟ ପ୍ରତିଷ୍ଠାନ ଏକ ଅନୁଷ୍ଠାନରୁ ପ୍ରାୟ ଦୁଇ ଲକ୍ଷ ଟଙ୍କାର ରୂପା ଚାରକସି କାମ କରିବା ପାଇଁ ଏକ ଚୁକ୍ତି ସମ୍ପାଦନ କରିଅଛନ୍ତି ।

ଜାଗାୟ ପୁରସ୍କାର

ହସ୍ତଶିଳ୍ପୀମାନଙ୍କୁ ଉତ୍ସାହିତ ଓ ସମ୍ମାନିତ କରିବା ଉଦ୍ଦେଶ୍ୟରେ କାଉନସିଲ ଘରୋଇ ହସ୍ତଶିଳ୍ প বୋର୍ଡ଼ ୧୯୬୫ ମସିହାଠାରୁ ପ୍ରତିବର୍ଷ ଦେଶର ଶ୍ରେଷ୍ଠ ଶିଳ୍ପୀମାନଙ୍କୁ 'ଜାଗାୟ ପୁରସ୍କାର' ଦେଉଅଛନ୍ତି । ବିଭିନ୍ନ ହସ୍ତଶିଳ୍ପରେ କୃତ ଶିଳ୍ପୀମାନଙ୍କୁ ଏହି ପୁରସ୍କାର ଦିଆଯାଏ । ପ୍ରତ୍ୟେକ ପୁରସ୍କାରର ମୂଲ୍ୟ ଏକହଜାର ଟଙ୍କା । ଏହି ସମ୍ମାନିତ ପୁରସ୍କାରପ୍ରାପ୍ତ ଶିଳ୍ପୀଙ୍କୁ ଗୋଟିଏ ତାମ୍ରଫଳକ ଓ ପ୍ରଶସ୍ତିପତ୍ର ଦିଆଯାଏ ।

୧୯୬୫ ମସିହାରେ ଓଡ଼ିଶାର ଦୁଇଜଣ ହସ୍ତଶିଳ୍ପୀ ଏହି ପୁରସ୍କାର ପାଇଥିଲେ । ସେ ଦୁହେଁ ହେଉଛନ୍ତି ପୁରୀ ଜିଲ୍ଲାର ଶ୍ରୀ ଜଗନ୍ନାଥ ମହାପାତ୍ର (ରଘୁରାଜପୁର ପୁରୀ ଓ ଶ୍ରୀ ଆଣ୍ଡିଶାଣ ମହାପାତ୍ର ଦୋଳମଣ୍ଡପ ପାଶ୍ୱ, ପୁରୀ ସହର) ଏ ଦୁହେଁ ପର୍ଯ୍ୟାୟକ୍ରମେ ପଟ୍ଟଚିତ୍ର ଏବଂ ଜରି ଓ ପୋତକାମ ପାଇଁ ଜାଗାୟ ପୁରସ୍କାର ପାଇଥିଲେ ।

ଚଳିତବର୍ଷ ଆହୁରି ୫ ଜଣ ଓଡ଼ିଆ ଶିଳ୍ପୀ ଜାଗାୟ ପୁରସ୍କାର ପାଇଅଛନ୍ତି । ସେମାନେ ହେଉଛନ୍ତି:—

୧ । ପଟ୍ଟଚିତ୍ର ପାଇଁ—ଶ୍ରୀ ବେଣୁଧର ମହାପାତ୍ର, ରଘୁରାଜପୁର, ପୁରୀ । ୨ । ଖଣ୍ଡପଥର କାମ ପାଇଁ—ଶ୍ରୀ ହରିହର ମହାରଣା, ପଥୁରିଆ ସାହି, ପୁରୀ ସହର । ୩ । ଲକ୍ଷକାମ ପାଇଁ—ଶ୍ରୀମତୀ ଜଗାମଣି ବେହେରା, ନବରଙ୍ଗପୁର, କୋରାପୁଟ । ୪ । ବସ୍ତ୍ରନ ଶିଳ୍ପ ପାଇଁ ଶ୍ରୀ ବାବାଜୀ ମେହର, ଝିଲମୁଣ୍ଡା, ସମ୍ବଲପୁର ।

ଚଳେ ଏହି କୃତ ଶିଳ୍ପୀମାନଙ୍କ ପରିଚୟ ସଂକ୍ଷେପରେ ଦିଆଯାଇଛି—

ଶ୍ରୀ ବେଣୁଧର ମହାପାତ୍ର

ପୁରସ୍କାରପ୍ରାପ୍ତ ରଘୁରାଜପୁର ଗ୍ରାମରେ ଶ୍ରୀ ମହାପାତ୍ରଙ୍କ ଘର । ଏହି ଯୁବକଶିଳ୍ପୀ ପଟ୍ଟଚିତ୍ର ଅଙ୍କନ କରିବାରେ ନିପୁଣତା ଲାଭ କରିଅଛନ୍ତି । ସେ ବର୍ତ୍ତମାନ ପଟ୍ଟଚିତ୍ର ଶିଳ୍ପୀ ଶ୍ରୀ ଜଗନ୍ନାଥ ମହାପାତ୍ରଙ୍କଠାରୁ ତାଲିମ ପାଇଅଛନ୍ତି । ନାନା ବାଧାବିଘ୍ନ ଅତିକ୍ରମ କରି ଶ୍ରୀ ମହାପାତ୍ର ନିଷ୍ଠା ଓ ଅଧ୍ୟବସାୟ ବଳରେ ନିଜକୁ ଜଣେ ବିଖ୍ୟାତ ଶିଳ୍ପୀ ରୂପେ ପ୍ରତିଷ୍ଠିତ କରିପାରିଅଛନ୍ତି । କଲିକତାଠାରେ ଥିବା ନକ୍ସା କେନ୍ଦ୍ର

ତାଙ୍କ କାମରେ ମୁଗ୍ଧ ହୋଇ ତାଙ୍କ ସେଠାରେ ଭୁବନେଶ୍ୱର ହସ୍ତଶିଳ୍ପ ତାଲିମ କେନ୍ଦ୍ରରେ ଶିକ୍ଷକତା ନିଯୁକ୍ତି ଦେଇଥିଲେ । ଶ୍ରୀ ମହାପାତ୍ର ବର୍ତ୍ତମାନ କରୁଅଛନ୍ତି ।



ବେଣୁଧର ମହାପାତ୍ରଙ୍କ ଗଣ୍ଡା ଚିତ୍ରର ଏକ ନମୁନା

ଶ୍ରୀ ହରହର ମହାରଣା

୬୮ ବର୍ଷ ବୟସ୍କ ଏହ ଯୁବକଶିଳ୍ପୀଙ୍କ ଘର - ପୁରୀ ସହରର - ପଥୁରିଆ ସାହିରେ । ପୂର୍ବପୁରୁଷମାନଙ୍କର ପରମ୍ପରା ଅନୁସରଣ କରି ହରହର ପଥର ଖୋଦେଇ କାମରେ ପିଲାଦିନୁ ମନୋନିବେଶ କରିଅଛନ୍ତି । ଖଡ଼ି କାମରେ ଅଳ୍ପ ନିପୁଣ ହୋଇ ପ୍ରତିମା ମାନ ତିଆରି

କରି ସେ ପ୍ରଶଂସାର୍ହଜନ ହୋଇଅଛନ୍ତି । ଏହି କାମ ତାଙ୍କର ଅନ୍ୟ କେତେକ ସ୍ତ୍ରୀଲୋକଙ୍କୁ ଏହି କାମରେ
ପ୍ରତି ତାଙ୍କର ପ୍ରଗାଢ଼ ଶ୍ରଦ୍ଧା ରହିଅଛି ଏବଂ ସେ ତାଙ୍କ ତାଲିମ ଦେଇଅଛନ୍ତି ।

ଓଡ଼ିଶାରେ ହସ୍ତଶିଳ୍ପ ପ୍ରଚଳନ

ଶ୍ରୀମତୀ ନୀଳାମଣୀ ବେହେରା

କୋରାପୁଟ ଜିଲ୍ଲା ନବରଙ୍ଗପୁରରେ ଶ୍ରୀମତୀ ବେହେରାଙ୍କ ଘର । ବାର୍ତ୍ତାଶ ପାତ୍ରଆରେ ଛିଆରି ପେଡ଼ି ଉପରେ ସୂକ୍ଷ୍ମ କାମ କରିବାରେ ସେ ଦକ୍ଷତା ଲାଭ କରିଅଛନ୍ତି । ତାଙ୍କର ଛତଗୁଡ଼ିକ ସେପରି ନଖୁଣ୍ଟା ସେହିପରି ଲାଗନ୍ତି

ଓ ଉତ୍ପନ୍ନସ୍ଥ । ତାଙ୍କ କାମ ଘରଡର ବଉନ୍ନ ବଦେଶରେ ମଧ୍ୟ ପେଗୁଡ଼ିକ .ଉଚ୍ଚ ଆଦର ଲଭ
ପ୍ରଦ୍ଧାଦ୍ଧାନସ୍ଥ ଓ ପ୍ରଦର୍ଶନୀରେ ସ୍ଥାନ ଲଭ କରିଅଛି । କରିଅଛି ।



ଗୋଟିଏ ଜରି ପେଡ଼ି

ଶ୍ରୀ କାକୀ ମେହେର

ଶ୍ରୀ ମେହେର ସମ୍ବଲପୁର ଜିଲ୍ଲାର ଗୋଟିଏ ଚନ୍ଦ୍ରବାସ୍ଥ ଗ୍ରାମରେ ଜନ୍ମଗ୍ରହଣ କରିଅଛନ୍ତି । ପାରିବାରିକ ପରମ୍ପରା ଅନୁସରଣ କରି ବପ୍ୟନ ଶିଳ୍ପରେ ସେ ନପୁଣତା ଲଭ କରିଅଛନ୍ତି । ବଶସପୁଷ୍ପ ଶାଡ଼ୀ ବୁଣିବାରେ ସେ ସିଦ୍ଧହସ୍ତ । ସମ୍ବଲପୁଷ୍ପ ବସ୍ତ୍ରାଳସ୍ଥ ସମବାସ୍ଥ ସମିତିର ସେ ଜଣେ ସକିସ୍ଥ ସଭ୍ୟ । ସମ୍ବଲପୁରୀ ଶାଡ଼ୀକୁ ଅଧିକତର ଲୁଚ୍ଚସମ୍ପନ୍ନ କରିବା ଦିଗରେ ତାଙ୍କର ଯଥେଷ୍ଟ ଅବଦାନ ରହିଅଛି ।



ବଶସପୁଷ୍ପ ଶାଡ଼ୀର
ଗୋଟିଏ ଅଞ୍ଚଳ

WALCHAND

COOPER

GROUP

କୃଷି ଟିଲେଜ ଇଞ୍ଜିନ



ଘେଉଁଠି ଦରକାର
ଘେଉଁଠେଲେ ଦରକାର
ପାଣି ଆଣି ଦଏ

କୂପର ଇଞ୍ଜିନୀୟରିଙ୍ଗ ଲିମିଟେଡ

ଖାଦ୍ୟ ପରିସ୍ଥିତି

ଗତବର୍ଷ ଖରଡରେ ଖାଦ୍ୟ ପରିସ୍ଥିତି ଯେପରି ଥିଲା ଏବର୍ଷ ମଧ୍ୟ ସେହିପରି ରହିଛି। ଖାଦ୍ୟାଭାବରୁ ଆମର ବର୍ଷକୁ ୪ କୋଟିରୁ ୪½ କୋଟି ମେଟ୍ରିକ ଟନ ଖାଦ୍ୟ ଦରକାର ହୁଏ। ୧୯୬୬-୬୭ରେ ସ୍ଥାନୀୟ ପ୍ରାପ୍ତ ୭·୬ କୋଟି ମେଟ୍ରିକ ଟନ ଖାଦ୍ୟ-ଶସ୍ୟ ଉତ୍ପାଦନ ହୋଇଛି ବୋଲି ହିସାବରୁ ଜଣା-ଯାଇଛି। ତେଣୁ ଆମର ଆଭ୍ୟନ୍ତରିଣ ଅନ୍ତରାଖଗତ ୧·୪ କୋଟି ମେଟ୍ରିକ ଟନ ଖାଦ୍ୟ ଅଭାବ ରହିଛି। ୧ବର୍ଷର ଆଉ ଗୋଟିଏ ବଡଗୋଷ୍ଠ ଅସୁବିଧା ଏହି ଯେ ଗତବର୍ଷମାନଙ୍କରେ ଯେପରି ସରକାରଙ୍କ ହାତରେ କିଛି କିଛି ଖାଦ୍ୟଶସ୍ୟ ବଳକା ରହିଥିଲା ଏବର୍ଷକୁ ସେପରି ବଳକା ମାଲ୍ ରହି ନାହିଁ।

ପରିସ୍ଥିତିର ପ୍ରତିକାର—ଏହି ଜଟିଳ ପରିସ୍ଥିତିର ମୁକାବିଲା କରିବା ପାଇଁ କେନ୍ଦ୍ର ସରକାର ନିମ୍ନଲିଖିତ ବ୍ୟବସ୍ଥା ଗ୍ରହଣ କରିବେ ବୋଲି ସ୍ଥିର କରିଛନ୍ତି—

(କ) **ଆମଦାନୀ**—୧୯୬୬ ମସିହାରେ 'ଖରଡ ଖାଦ୍ୟଶସ୍ୟ ସଂସ୍ଥା' (ଏଡ୍ ଇଣ୍ଡିଆ କନ୍-ସୋର୍ଟିୟମ୍) ଠାରୁ ଖରଡ ୧ କୋଟି ମେଟ୍ରିକ ଟନ ଖାଦ୍ୟଶସ୍ୟ ପାଇବ। ଏଥିରୁ କେତେକାଂଶ ଖରଡରେ ପହଂଚି ସାରିଲଣି। ଏଡ଼ାଛଡ଼ା ଅନ୍ୟ କେତେକ ଦେଶରୁ ଖାଦ୍ୟଶସ୍ୟ କିଣି ଆଣିବା ପାଇଁ କେନ୍ଦ୍ର ସରକାର ଯୋଗାଡ଼ କରୁଛନ୍ତି;

(ଖ) **ଆଭ୍ୟନ୍ତରିଣ ସଂଗ୍ରହ**—ଦେଶ ଭିତରୁ ଖାଦ୍ୟଶସ୍ୟ ସଂଗ୍ରହ କରିବା କାର୍ଯ୍ୟ ଜୋରସୋରରେ ଚଳାଯିବ। ୧୯୬୭ ଜାନୁଆରୀଠାରୁ ଶେଷ ସୁଦ୍ଧା ୮·୮ ଲକ୍ଷ ମେଟ୍ରିକ ଟନ ଖାଦ୍ୟଶସ୍ୟ ସଂଗୃହୀତ ହୋଇଥିଲା;

(ଗ) **ସ୍ୱଳ୍ପ ମିଆଦୀ ଶସ୍ୟ ଉତ୍ପାଦନ**-ଦୁଇ ମାସ ବା ୨½ ମାସ ଭିତରେ ଅମଳ ହୋଇ ପାରିବା ଭଳି ସ୍ୱଳ୍ପ ମିଆଦୀ ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ ଜୋରସୋର ଅଭିଯାନ ଚଳିବ। ଚଳିତ ରବି ଫସଲ ଅମଳ ହେବାପରେ ଓ ପରବର୍ତ୍ତୀ ଖରିଫ ଫସଲ ବୁଣାଯିବା ପୂର୍ବରୁ ଯେଉଁଠିକ ସମସ୍ତ ମିଳିବ ତାହାର ମଧ୍ୟରେ ଏଭଳି ଶସ୍ୟ ଉତ୍ପାଦନ କରାଯିବ;

(ଘ) **ଋଣ ଦାଦନ**—କୃଷକମାନଙ୍କୁ ଯଥେଷ୍ଟ ଋଣ ଯୋଗାଇ ଦେବାପାଇଁ ଅର୍ଥ କର୍ପୋ-ରେସନମାନ ପ୍ରତିଷ୍ଠା କରାଯିବାର ପ୍ରସ୍ତାବ ଅଛି;

(ଙ) **ଲାଭପ୍ରଦ ମୂଲ୍ୟର ପ୍ରଦାନ**—କୃଷକ-ମାନଙ୍କୁ ଅଧିକ ଶସ୍ୟ ଉତ୍ପାଦନ ଦିଗରେ ଉତ୍ସାହିତ କରିବା ନିମନ୍ତେ କୃଷିଜାତ ଦ୍ରବ୍ୟ ପାଇଁ ଅଧିକ ମୂଲ୍ୟ ଧାର୍ଯ୍ୟ କରାଯିବ। ଉତ୍ପାଦନ ମୂଲ୍ୟକୁ ଦୃଷ୍ଟିରଖି ଏହି ମୂଲ୍ୟ ନିରୂପିତ ହେବ;

(ଚ) **ଜମି ଆବାଦ**—ବ୍ୟାପକ ଭାବରେ ନୂଆ ନୂଆ ଜମି ଆବାଦ କରାଯିବାର ପ୍ରସ୍ତାବ ଅଛି;

(ଛ) ଦେଶର ବିଭିନ୍ନ ରାଜ୍ୟରେ ଭୂସଂସ୍କାର ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରାଯିବ ;

(ଜ) **ଅନ୍ୟାନ୍ୟ ବ୍ୟବସ୍ଥା**—ଗତବର୍ଷ ମରୁଡ଼ି ହେତୁ ଖାଦ୍ୟ ପରିସ୍ଥିତି ଖରାପ ହୋଇପିବା ଫଳରେ ଲୋକମାନଙ୍କୁ ସାହାଯ୍ୟ ଦେବାପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଯେଉଁ ସବୁ ବ୍ୟବସ୍ଥା କରିଥିଲେ ତାହା ଭିତରେ ଥିଆ-ଗଲା—

(୧) **୨୩ କୋଟି ଲୋକଙ୍କୁ ପଡ଼ି ବଣ୍ଟନ**—ସଂସାଧାରଣଙ୍କୁ ଖାଦ୍ୟଶସ୍ୟ ବାଣ୍ଟିବା ପାଇଁ ଯେଉଁ ବ୍ୟବସ୍ଥା କରାଯାଇଥିଲା ତାହା ଫଳରେ ଦେଶର ପ୍ରାୟ ଅଧେ ଲୋକ (୨୩ କୋଟି ୧୦ ଲକ୍ଷ) ଉପକୃତ ହୋଇଛନ୍ତି । ୧୯୬୭ ଜୁଲାଇ ମାସରେ ଶସ୍ତା ମୂଲ୍ୟ ଦୋକାନ ସଂଖ୍ୟା ୧ ଲକ୍ଷ ୧୫ ହଜାର ଥିବାସ୍ଥଳେ ୧୯୬୭ ଡିସେମ୍ବର ମାସରେ ୧ ଲକ୍ଷ ୩୮ ହଜାରକୁ ବୃଦ୍ଧି ପାଇଥିଲା । ଜନସାଧାରଣଙ୍କ ମଧ୍ୟରେ ଖାଦ୍ୟ ବଣ୍ଟନ ପ୍ରଥା ସୁଲଭ ରଖିବା ପାଇଁ ୬୬ ଲକ୍ଷ ମେଟ୍ରିକ ଟନରୁ ଅଧିକ ଖାଦ୍ୟ ଶସ୍ୟ ପ୍ରତ୍ୟେକ ମାସରେ କେନ୍ଦ୍ର ଗୋଦାମରୁ ରାଜ୍ୟମାନଙ୍କୁ ଦିଆଯାଉଛି ।

(୨) **ମରୁଡ଼ିଗ୍ରସ୍ତ ଅଞ୍ଚଳରେ ସ୍ୱତନ୍ତ୍ର ବ୍ୟବସ୍ଥା**—ବିହାର, ଉତ୍ତର ପ୍ରଦେଶ, ରାଜସ୍ଥାନ, ଗୁଜରାଟ, ମଧ୍ୟପ୍ରଦେଶ, ପଶ୍ଚିମ ବଙ୍ଗ, ମହାରାଷ୍ଟ୍ର ଓ ଓଡ଼ିଶା ଏହି ସବୁ ମରୁଡ଼ିଗ୍ରସ୍ତ ରାଜ୍ୟରେ ନିମ୍ନଲିଖିତ ପରିସ୍ଥିତିର ମୁକାବିଲା କରିବା ପାଇଁ କେତେକ ବିଶେଷ ବ୍ୟବସ୍ଥା କରାଯାଇଛି । ଏସବୁ ରାଜ୍ୟରେ ରାଜ୍ୟ ସରକାରମାନେ ଯେଉଁ ସବୁ ବିଶେଷ ଆରମ୍ଭ କରିଥିଲେ ସେଥିରେ ପ୍ରାୟ ୨୯ ଲକ୍ଷ ନିଯୁକ୍ତି ପାଇଥିଲେ ଓ ୪ ଲକ୍ଷ ୩୫ ହଜାର ଲୋକ ମାଗଣା ଖାଦ୍ୟ ପାଇ ବଞ୍ଚିଥିଲେ । ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ଦ୍ୱାରା ଖୋଲାଯାଇଥିବା ଅନ୍ନଛତ୍ରରେ ପ୍ରାୟ ୧ ଲକ୍ଷ ୭୨ ହଜାର ଲୋକ ଭୋଜନ କରୁଥିଲେ । ଉତ୍ତରପ୍ରଦେଶରେ ସରକାର ମଧ୍ୟାହ୍ନ ଭୋଜନ କେନ୍ଦ୍ରମାନ ଖୋଲି ୪ ଲକ୍ଷ ଲୋକଙ୍କୁ ଖାଦ୍ୟ ବାଣ୍ଟିଥିଲେ । ଏପ୍ରିଲ ୧୯୬୭ ଜାନୁଆରୀ ଶେଷ ସୁଦ୍ଧା ୧୯୫୦ଟି କାର୍ଯ୍ୟରେ ୩୭ ହଜାର ୧୦୨ ଲୋକ ନିଯୁକ୍ତ ଥିଲେ ।ବର୍ତ୍ତମାନ ମରୁଡ଼ି ଅବସ୍ଥାରେ ଅବସାନ ଘଟିଥିବାରୁ ମାଗଣା ରିଲିଫ୍ କଣ୍ଟନ ବନ୍ଦ ହୋଇ ଯାଇଛି ।

ପାମାଯୁ ଜଳର ଅଭାବ—ଏବର୍ଷ ଗତ ପୂର୍ବବର୍ତ୍ତୀ କେତେ ମାସ ପାଇଁ କେତେକ ସ୍ଥାନରେ ପାମାଯୁ ଜଳର ସମସ୍ୟା ଅତି ଉତ୍କଟ ହୋଇଥିବାର ସମ୍ଭାବନା ରହିଛି । ରାଜ୍ୟ ସରକାରମାନେ ସମସ୍ୟାର ପ୍ରତିକାର ପାଇଁ ପୃଥକ ବ୍ୟବସ୍ଥା କରିଛନ୍ତି ।

ବିହାର ରାଜ୍ୟରେ ପ୍ରାୟ ୨୪ ହଜାର ଗ୍ରାମ କୋଟି ଲୋକ ଜଳ କଷ୍ଟରେ ପଡ଼ିଛନ୍ତି ବୋଲି ଜଣାଯାଇଛି । ସେଥିପାଇଁ ୫.୨ କୋଟି ଟଙ୍କା ବ୍ୟୟରେ ଏକ ଯୋଗାଣ ବ୍ୟବସ୍ଥା ପରିକଳ୍ପନା କରାଯାଇଛି ।

ଉତ୍ତରପ୍ରଦେଶରେ ୩୩.୨୨ କୋଟି ଟଙ୍କା, ରାଜସ୍ଥାନରେ ୬ କୋଟି ଟଙ୍କା ଏ ଦିଗରେ ଖର୍ଚ୍ଚ କରିପିବା ପାଇଁ ବ୍ୟବସ୍ଥା କରାଯାଇଛି ।

ଓଡ଼ିଶାରେ ଶାରୀରିକ ଅସମର୍ଥ ଲୋକ

ଓଡ଼ିଶାର ଅର୍ଥନୀତି ଓ ପରିସଂଖ୍ୟାନ ବ୍ୟୁରୋ ସାମ୍ପ୍ରତିକ ସମୟରେ ଗାଁ ଓ ସହର ଓ ଗ୍ରାମାଞ୍ଚଳରେ ଅସମର୍ଥତାର ଏକ ନମୂନା ସର୍ଭେ କରିଯାଇଥିଲା । ଏହି ସର୍ଭେ ଫଳରେ ସାଧାରଣ ଶାରୀରିକ ଗଠନଠାରୁ ଭିନ୍ନ ଦେଖାଯାଉଥିବା ଅନ୍ଧ, ମୂକ, ବଧିର, କୁଷ୍ଠ ଓ ପଙ୍ଗୁ ଲୋକମାନଙ୍କ ସମ୍ପର୍କରେ ବହୁ କୌତୂହଳପ୍ରଦ ତଥ୍ୟ ହସ୍ତଗତ ହୋଇଛି । ୨୩୯୧ଟି ଗ୍ରାମ ଓ ୧୪୫ଟି ସହରରେ ସର୍ଭେକାର୍ଯ୍ୟ କରିଯାଇଥିବା ଏହି ବସ୍ତୁ ବସ୍ତୁ ପ୍ରଶ୍ନ ଅନୁଯାୟୀ ପ୍ରତ୍ୟେକ ପରିବାରର ଜବାବ ନିଆଯାଇଥିଲା । ରାଜ୍ୟର ଶାରୀରିକ ଅସମର୍ଥ ଲୋକମାନଙ୍କ ସଂଖ୍ୟା ମୋଟରେ ୧୩୨ ହଜାର ହେବବୋଲି ଏହି ସର୍ଭେରୁ ଜଣାପଡ଼ିଛି । ଏମାନଙ୍କ ମଧ୍ୟରୁ ୧୨୩·୯ ହଜାର ଲୋକ 'ଗ୍ରାମାଞ୍ଚଳରେ' ଏବଂ ଅବଶିଷ୍ଟ ୮·୧ ହଜାର ଲୋକ ସହରମାନଙ୍କରେ ବାସ କରନ୍ତି । ରାଜ୍ୟର ପ୍ରତି ହଜାର ଲୋକଙ୍କ ମଧ୍ୟରେ ୬·୯ ଜଣ, ଗ୍ରାମାଞ୍ଚଳର ପ୍ରତି ହଜାର ଲୋକମାନଙ୍କ ମଧ୍ୟରେ ୭ ଜଣ ଏବଂ ସହରାଞ୍ଚଳର ପ୍ରତିହଜାର ଲୋକଙ୍କ ମଧ୍ୟରେ ୫·୭୭ ଜଣ ଶାରୀରିକ ଅସମର୍ଥ ବୋଲି ଜଣା ପଡ଼ିଛି । ସହରମାନଙ୍କରେ ଏ ଧରଣର ଲୋକଙ୍କ ସଂଖ୍ୟା ଗ୍ରାମାଞ୍ଚଳଠାରୁ କମ୍ ହେଲେ ମଧ୍ୟ ସେ ସବୁଠାରେ କୁଷ୍ଠରୋଗୀଙ୍କ ସଂଖ୍ୟା ଅଧିକ ଅଟେ ଏବଂ ସହରାଞ୍ଚଳରେ ଜନସଂଖ୍ୟା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ କୁଷ୍ଠରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାର ଦେଖାଯାଉଛି ।

ସମ୍ବଲପୁର···ବୁର୍ଲା···ଘ୍ରାଘକୁଦ ସହରାଞ୍ଚଳରେ କୁଷ୍ଠରୋଗୀଙ୍କ ହାର ସର୍ବାଧିକ ଅଟେ ।

ଏହି ସର୍ଭେରୁ ଦେଖା ଯାଇଛି ଯେ କୁଷ୍ଠରୋଗୀଙ୍କ ଛଡ଼ା ଯେଉଁ ଲୋକମାନଙ୍କର ଦୁଇଟିଯାକ ଗୋଡ଼ ଗ୍ଲେଥା ବା ଅଚଳ, ଶାରୀରିକ ଅସମର୍ଥ ଲୋକମାନଙ୍କ ମଧ୍ୟରେ ସେମାନଙ୍କ ସଂଖ୍ୟା ସବୁଠାରୁ ବେଶୀ । ଏହିଭଳି ବ୍ୟକ୍ତିମାନଙ୍କ ମୋଟ ସଂଖ୍ୟା ୩୪·୫ ହଜାର । ସେମାନଙ୍କ ପରେ ଅନ୍ଧ, କୁଷ୍ଠରୋଗୀ, ବଧିର, ମୂକ ଓ ଖଞ୍ଜ ଲୋକମାନଙ୍କ ମଧ୍ୟରେ ସଂଖ୍ୟା ଯଥାକ୍ରମେ ୨୯·୨ ହଜାର, ୨୫·୮ ହଜାର, ୨୧·୯ ହଜାର, ୧୬·୨ ହଜାର, ଓ ୮·୬ ହଜାର ।

ବିକଳାଙ୍ଗ ଲୋକଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ ଲୋକଙ୍କ ବୟସ ୧୫ ଓ ୬୦ ବର୍ଷ ମଧ୍ୟରେ ରହିଥିବା ଜଣାଯାଇଛି । ଜୀବନରେ ଏହି ସମସ୍ତଙ୍କି ହେଉଛି କାର୍ଯ୍ୟ କରିବାର ସମୟ । ବିକଳାଙ୍ଗ ଲୋକଙ୍କ ମଧ୍ୟରେ ୧୫ ବର୍ଷରୁ ଉର୍ଦ୍ଧ୍ୱ ବୟସ ଲୋକ ହେଉଛନ୍ତି ଶତକଡ଼ା ୧୮ । ଅବଶିଷ୍ଟ ଅଳ୍ପ ସଂଖ୍ୟକ ବିକଳାଙ୍ଗ ବ୍ୟକ୍ତିଙ୍କ ବୟସ ୬୦ ରୁ ଅଧିକ । ବୁଢ଼ା ଲୋକଙ୍କ ମଧ୍ୟରେ ବେଶି ସ୍ରଗ ବ୍ୟକ୍ତି ଦୃଷ୍ଟିହୀନତା ଓ ବଧିରତା ଯୋଗୁଁ ଅକର୍ମଣ୍ୟ ହୋଇଥାନ୍ତି ।

ଉକ୍ତ ସର୍ଭେରୁ ଜଣାପଡ଼ିଛି ଯେ ପୁରୁଷମାନଙ୍କ ମଧ୍ୟରେ ଅଧିକ ସଂଖ୍ୟାରେ ବିକଳାଙ୍ଗ ବ୍ୟକ୍ତି

(ଅବଶିଷ୍ଟାଂଶ ୪୯ ପୃଷ୍ଠା ଦେଖନ୍ତୁ)

ବାରବାଟୀ ଲଟରୀ

(ଓଡ଼ିଶା ସରକାରଙ୍କଠାରୁ କ୍ଷମତାପ୍ରାପ୍ତ)

ଓଡ଼ିଶା ଅଲମ୍ପିକ ଆସୋସିଏସନ, କଟକ ଓ ଜାତୀୟ ରେଡ୍‌କ୍ରସ ଓଡ଼ିଶା ଶାଖାର ସାହାଯ୍ୟାର୍ଥେ

ନଟ୍ ଲଉର ଗତଜଡ଼ା ୨½ ଘଗ **"ଜାତୀୟ ପ୍ରତିରକ୍ଷା ପାଣ୍ଠି"** କୁ ବଆଯିବ
ଏ' ଉଦ୍ଦେଶ୍ୟ ନମ୍ନଲିଖିତ ଅନୁଷ୍ଠାନଗୁଡ଼ିକୁ ଅର୍ଥ ଦାନ କରଯାଇଛି:—

୧ । ଜାତୀୟ ପ୍ରତିରକ୍ଷା ପାଣ୍ଠି (ଅନ୍ଧ୍ର, ଆସାମ, ଦିଲ୍ଲୀ, ମାଦ୍ରାଜ, ମଣିପୁର, ଓଡ଼ିଶା, ପଣ୍ଡିଚେରୀ, ପଞ୍ଜାବ, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗର ରାଜ୍ୟ ଶାଖା ଜରିଆରେ) ... ୫ ୧୭୧,୨୮୫

୨ । ପ୍ରଧାନମନ୍ତ୍ରୀଙ୍କ ପାଣ୍ଠି ... ୫ ୫୦,୦୦୯

କ୍ଷ । ନେହରୁ ସ୍ମୃତି ପାଣ୍ଠି ... ୫ ୨୨,୫୦୯

୪ । ଓଡ଼ିଶାର ମରୁଡ଼ି ପ୍ରପୀଡ଼ିତ ଲୋକମାନଙ୍କ ସାହାଯ୍ୟାର୍ଥେ ମୁଖ୍ୟମନ୍ତ୍ରୀଙ୍କ ସାହାଯ୍ୟ (ରିଲିଫ) ପାଣ୍ଠି, ଜାତୀୟ ସେବକ ସମାଜ ଓ ଓଡ଼ିଶା ରିଲିଫ କମିଟି ଜରିଆରେ ... ୫ ୪୦,୦୦୯

୫ । ଦ୍ୱାର ମରୁଡ଼ି ସାହାଯ୍ୟ ପାଣ୍ଠିକୁ-ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଜରିଆରେ ... ୫ ୨୦,୦୦୯

୬ । ରାଜସ୍ଥାନ, ପଞ୍ଜାବ ଓ ଜାମୁ ଓ କାଶ୍ମୀର ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ଜରିଆରେ ପାକସ୍ଥାନ ବୋମାବର୍ଷଣଦ୍ୱାରା ଆହତ ବ୍ୟକ୍ତିମାନଙ୍କ ସାହାଯ୍ୟାର୍ଥେ ... ୫ ୧୫,୦୦୯

୭ । ଆସାମ, ଜାମୁ ଓ କାଶ୍ମୀର, ମାଦ୍ରାଜ, ମଣିପୁର, ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟମାନଙ୍କର ମୁଖ୍ୟମନ୍ତ୍ରୀମାନଙ୍କ ସାହାଯ୍ୟ ପାଣ୍ଠି ... ୫ ୪୦,୦୦୯

ଏକ ଟଙ୍କା ମୂଲ୍ୟର ଟିକଟ ଖଣ୍ଡିଏ ଜଣି **୧,୦୦,୦୦୦**୍ ଟଙ୍କା ମୂଲ୍ୟର ଗ୍ୟାରେଣ୍ଟି-ଦଆ **ପ୍ରଥମ ପୁରସ୍କାର** ପାଇବା ଲାଗି ନଜର ରଖିବା ସୁଯୋଗ ପାଇବେ ଓ ଏଥିରୁ ଜାତୀୟ ଜନହିତକର କାର୍ଯ୍ୟରେ ସାହାଯ୍ୟ କରିବାଘାଇଁ ଆମକୁ ସାହାଯ୍ୟ କରନ୍ତୁ ।

ପରବର୍ତ୍ତୀ ଲଟ୍ଟରୀ ଉଠାଯିବା ତାରିଖ ୨୩ । ୭ । ୧୯୬୨

ସବିଶେଷ ଜାଣିବାପାଇଁ ଅବୈତନିକ ସଂପାଦକ
ବାରବାଟୀ ରିଫଲ୍ କମିଟି, କଟକ-୫,କ ସହିତ ପତାଳାପ କରନ୍ତୁ ।

ଆମ ରାଜ୍ୟ

ବସନ୍ତ ପ୍ରତିଷେଧକ ଟୀକା ନିଅନ୍ତୁ

ଓଡ଼ିଶାର ସ୍ୱାସ୍ଥ୍ୟ ଶିକ୍ଷା ଅଫିସର ଏକ ପ୍ରେସ ଷ୍ଟେଟ୍‌ମେଣ୍ଟରେ ଜଣାଇଛନ୍ତି—

"ଓଡ଼ିଶାର ନାନା ସ୍ଥାନରେ ଗତ କେତେଦିନ ଧରି ବସନ୍ତ ରୋଗ ଦେଖା ଯାଇଛି । ପୁଷ୍ପ ଜଳ୍ଲା ଗୋପ ଥାନାର କେତେକ ଗ୍ରାମରେ ଅନେକ ଲୋକ ବସନ୍ତ ରୋଗରେ ଆକ୍ରାନ୍ତ ହେବାର ସମ୍ବାଦ ମିଳିଥିଲା । ଏହି ସମ୍ବାଦ ପାଇଁ ସ୍ୱାସ୍ଥ୍ୟ ବିଭାଗୀୟ କର୍ମଚାରୀମାନେ ପ୍ରତିକାର ବ୍ୟବସ୍ଥା ଅନୁସନ୍ଧାନ କରିଥିଲେ । ଅଧିକାଂଶ ଗ୍ରାମରେ ଘାଡ଼ଫୁଟିର ପ୍ରାଦୁର୍ଭାବ ଦେଖା ଯାଇଥିଲା । ବର୍ତ୍ତମାନଙ୍କୁ ମାରାତ୍ମକ ବସନ୍ତ ରୋଗର ପ୍ରାଦୁର୍ଭାବରୁ ରକ୍ଷାକରିବା ପାଇଁ ସ୍ୱାସ୍ଥ୍ୟ ବିଭାଗୀୟ କର୍ମଚାରୀମାନେ ସେହି ଗ୍ରାମରେ ବସନ୍ତ ପ୍ରତିଷେଧକ ଟୀକା ଦେଇଥିଲେ, ଟୀକା ନେବା ଦ୍ୱାରା ଲୋକମାନଙ୍କ ଶରୀରରେ ବସନ୍ତ ପ୍ରତିଷେଧକ ଶକ୍ତି ବୃଦ୍ଧି ପାଏ ଏବଂ ତଦ୍ଦ୍ୱାରା ବସନ୍ତ ରୋଗରୁ ରକ୍ଷା ମିଳେ । ବସନ୍ତ ଟୀକା ନେଇଥିଲେ ମଧ୍ୟ ଏହା ଘାଡ଼ଫୁଟି ରୋଗକୁ ପ୍ରତିରୋଧ କରିପାରେ ନାହିଁ । ତେଣୁ ଯେଉଁମାନେ ବସନ୍ତ ଟୀକା ନେଇ ବସନ୍ତ ହେଉଅଛୁ ବୋଲି ଜଣନ୍ତି ସେମାନଙ୍କର ପ୍ରତ୍ୟୁତ୍ତରରେ ବସନ୍ତ ନୁହେଁ, ସେମାନଙ୍କର ବସନ୍ତ ରୋଗ ଭଳି ଦେଖା ଯାଉଥିବା ଘାଡ଼ଫୁଟି, ମିଳମିଳା ବା ଅନ୍ୟ ଉତ୍ତେଜକ ରୋଗ ହୋଇପାରେ । ବାଲ୍ୟାବସ୍ଥାରେ ପ୍ରାଥମିକ ଟୀକାନେଇ ବାରମ୍ବାର ଟୀକା ନନେଲେ ବସନ୍ତଜନିତ ମାରାତ୍ମକ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ଯଥେଷ୍ଟ ବେଶୀ, ତେଣୁ ସଂପୃକ୍ତାଧାରଣଙ୍କୁ ଅନୁରୋଧ କରିଯାଉଅଛୁ ଯେ ସେମାନେ କୌଣସି ଗ୍ରାମରେ ବସନ୍ତ ରୋଗ ଦେଖାଯିବା କ୍ଷଣି କେବେ ଟୀକା ନେଇଥିଲେ ନ ଯିବ ସ୍ୱାସ୍ଥ୍ୟ ବିଭାଗୀୟ କର୍ମଚାରୀଙ୍କ ଦ୍ୱାରା ଜଣାଯାଉଥିବା ବସନ୍ତ ପ୍ରତିଷେଧକ ଟୀକା ନେଇଯିବା ଉଚିତ ।"

ବସନ୍ତମଞ୍ଜରୀ ସ୍ୱାସ୍ଥ୍ୟ ନିବାସରେ ଶଯ୍ୟା ଓ ପ୍ରକୋଷ୍ଠର ଭଡ଼ା

ନିକଟରେ ସ୍ୱୀକୃତ ହୋଇଥିବା ସରକାରୀ ସିଦ୍ଧାନ୍ତ ଅନୁଯାୟୀ ବ୍ରହ୍ମପୁର ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ ନିବାସର ଶଯ୍ୟା ବା ପ୍ରକୋଷ୍ଠ (କ୍ୟାବିନ) ପାଇଁ ଦୈନିକ ଭଡ଼ା ₹ ୨·୦୦ (ଦୁଇ ଟଙ୍କା) ଲେଖାଏଁ ନିଆଯିବା ପାଇଁ ସ୍ଥିର ହୋଇଛି । ପୂର୍ବରୁ ଗୋଟିଏ ଶଯ୍ୟା ପାଇଁ ମାସିକ ₹ ୨୫·୦୦ ଓ ଗୋଟିଏ ପ୍ରକୋଷ୍ଠ ପାଇଁ ₹୧୫୦·୦୦ ଆଦାୟ କରାଯିବାର ଯେଉଁ ପଦ୍ଧତି ଅନୁସୃତ ହେଉଥିଲା ତାହା ଚଳିତ ମାସ ୧୭ ତାରିଖ ଠାରୁ ବନ୍ଦ କରିଦିଆଯାଇଛି ।

ଆଦିବାସୀ ଉପଦେଷ୍ଟା ପରିଷଦର ପୁନର୍ଗଠନ

ରାଜ୍ୟ ସରକାରଙ୍କ ଦ୍ୱାରା ନଜରରେ ପ୍ରକାଶିତ ହୋଇଥିବା ଏକ ବିଜ୍ଞପ୍ତି ଅନୁଯାୟୀ ଓଡ଼ିଶାବାସୀ ଉପଦେଷ୍ଟା ପରିଷଦର ପୁନର୍ଗଠନ କରାଯାଇଛି । ଏହି ପରିଷଦରେ ମୁଖ୍ୟମନ୍ତ୍ରୀ ଓ ଆଦିବାସୀ ଓ ଗ୍ରାମ ମଙ୍ଗଳ ବିଭାଗର ମନ୍ତ୍ରୀ ପଦାଧିକାରୀ ଚେୟାରମ୍ୟାନ ଓ ସ୍ପେଇଲ୍ ଚେୟାରମ୍ୟାନରୂପେ କାର୍ଯ୍ୟ କରିବେ । ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗର ସେକ୍ରେଟେରିଏଟ୍ ଏହି ପରିଷଦର ସେକ୍ରେଟେରିଏଟ୍‌ରୂପେ କାର୍ଯ୍ୟ ସମ୍ପାଦନ କରିବେ । ଏହି ପରିଷଦର ଅନ୍ୟାନ୍ୟ ସଭ୍ୟମାନେ ହେଉଛନ୍ତି ଶ୍ରୀ ମନମୋହନ ହାଲୁ, ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗର ଉପମନ୍ତ୍ରୀ ଶ୍ରୀ ଦେବାନନ୍ଦ ଅମାତ, ଏମ. ପି. ଶ୍ରୀ ସକଲ ସୋରେନ, ଏମ. ଏଲ୍. ଏ., ଶ୍ରୀ ଗୋବିନ୍ଦ ମୁଣ୍ଡା, ଏମ. ଏଲ୍. ଏ., ଶ୍ରୀ ସୁରେନ୍ଦ୍ର ଭଗତ, ଏମ. ଏଲ୍. ଏ., ଶ୍ରୀ ଲାଲ ରାଜେନ୍ଦ୍ର ସିଂହ, ଏମ. ଏଲ୍. ଏ., ଶ୍ରୀ ନରେଶ ପ୍ରଧାନ, ଏମ. ଏଲ୍. ଏ., ଶ୍ରୀ ବିଶ୍ୱନାଥ ଚୌଧୁରୀ, ଏମ. ଏଲ୍. ଏ., ଶ୍ରୀ ଅନନ୍ତରାମ ମୁଣ୍ଡା, ଏମ. ଏଲ୍. ଏ.; ଶ୍ରୀ ସୁନାରାମ ସୋରେନ ଏମ. ଏଲ୍. ଏ., ଶ୍ରୀ ଗଙ୍ଗାଧର ପ୍ରଧାନ, ଏମ. ଏଲ୍. ଏ., ଶ୍ରୀ ଚାରୁଣୀ ସର୍ଦ୍ଦାର ଏମ. ଏଲ୍. ଏ., ଶ୍ରୀ ଅର୍ଜୁନ ମୁଣ୍ଡା, ଏମ. ଏଲ୍. ଏ., ଶ୍ରୀ ଅଂଚଳ ମାଝି, ଏମ. ଏଲ୍. ଏ., ଶ୍ରୀ ରମେଶଚନ୍ଦ୍ର ଖେଇ, ଏମ. ଏଲ୍. ଏ., ଶ୍ରୀମତୀ ମାଳତୀ ଚୌଧୁରୀ, ନବଜୀବନ ମଣ୍ଡଳର ପ୍ରତିନିଧି ଶ୍ରୀ ଦରମୋହନ ପଟ୍ଟନାୟକ, ଗାନ୍ଧି ସ୍ମାରକ ନିଧିର ପ୍ରତିନିଧି ଏବଂ ଓଡ଼ିଶା ପାଇଁ ପ୍ରତିନିଧିତ୍ୱ କରୁଥିବା କେନ୍ଦ୍ର ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗର ଅଫିସର ସଦସ୍ୟ ।

(୫୧ ପୃଷ୍ଠାର ଅବଶିଷ୍ଟାଂଶ)

ଅଛନ୍ତି । କୌଣସି ଗାଁରେ ଅପମର୍ଥ ନାଗ ଥିବାବେଳେ ପାସ୍ କୁଇଜଣ ଅପମର୍ଥ ପୁରୁଷ ଦେଖାଯାନ୍ତି । ଏହାର ପ୍ରକୃତ ଅନୁପାତ ହେଉଛି ୧:୮ । ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଏବଂ ଆଦିମଧ୍ୟ କେତେକ ସ୍ୱତନ୍ତ୍ର କ୍ଷେତ୍ରରେ ପୁରୁଷ ସଂଖ୍ୟାର ଅନୁପାତ ଅଧିକ ଥିବାର ଦୃଷ୍ଟିଗୋଚର ହୁଏ । କେବଳ ଅଳ୍ପବ୍ୟକ୍ତିଙ୍କ କ୍ଷେତ୍ରରେ ଜରୁଏ ପୁରୁଷ ଓ ମହିଳାଙ୍କ ସଂଖ୍ୟା ପ୍ରାୟ ସମାନ ଥିବାର ଦେଖାଯାଏ । ସହରାଞ୍ଚଳରେ ଅଣ୍ଡୁଣୀମାନଙ୍କ ସଂଖ୍ୟା ଅଣ୍ଡଙ୍କ ସଂଖ୍ୟାଠାରୁ ଅଧିକ ।

ଶାସ୍ତ୍ରୀୟ ଅସାମର୍ଥ୍ୟର କେତେକ ପ୍ରଧାନ କାରଣ ବିବେଚନା କଲା ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଅସାମର୍ଥ୍ୟ ଲୋକଙ୍କ ମଧ୍ୟରୁ ଶତକଡ଼ା ପ୍ରାୟ ୪୨ ଜଣ ଲୋକ କେତେକ ଶାସ୍ତ୍ରୀୟ ବୈକଳ୍ପ ଥାଇ ଜନ୍ମ ଗ୍ରହଣ କରିଥାନ୍ତି । ଆଦିମଧ୍ୟ ବିବାହାଙ୍କ ମଧ୍ୟରୁ ଶତକଡ଼ା ୫୧ ଜଣ ଲୋକ ଜୀବନର କୌଣସି କୌଣସି ଅବସ୍ଥାରେ ବଇଦ୍ୟ ଲୋକଙ୍କ ପଡ଼ ବିବାହାଙ୍କ ହୋଇଥାନ୍ତି । ସମୁଦାୟ ବିବାହାଙ୍କ ବ୍ୟକ୍ତିଙ୍କ ମଧ୍ୟରୁ ମାତ୍ର ଶତକଡ଼ା ୪ ଭାଗ ଲୋକ ବଇଦ୍ୟ ଦୁର୍ଘଟଣାର ସମ୍ମୁଖୀନ ହୋଇ ବିବାହାଙ୍କ ହୋଇପଡନ୍ତି । ଅନ୍ଧ ବ୍ୟକ୍ତିଙ୍କ ମଧ୍ୟରୁ ଶତକଡ଼ା ୩୨ ଜଣ ଜନ୍ମାନ୍ଧ । କିନ୍ତୁ ଦୃଷ୍ଟିଶକ୍ତି ହରାଇଥିବା ଲୋକଙ୍କ ମଧ୍ୟରେ ଶତକଡ଼ା ୬୦ ଭାଗ ଶକ୍ତି ଜନ୍ମସମୟରେ ବଇଦ୍ୟ ଲୋକରେ ପଡ଼ ଅନ୍ଧ ହୋଇଯାଆନ୍ତି । ଜନ୍ମୁ ମୂକ ବ୍ୟକ୍ତିଙ୍କ କ୍ଷେତ୍ରରେ ପ୍ରାପ୍ତ ଶତକଡ଼ା ୫୦ ଜଣ ଲୋକ ଜନ୍ମରୁ ମୂକ ଥିବାର ଜଣାପାଇଛି ।

ପରୀକ୍ଷା ଫଳରେ ସାଦାଲକ୍ଷ୍ୟ କରାଯାଇ ସେଥିରୁ ଜଣାପଡ଼ିଛି ଯେ ଅନ୍ତରଃ ଦୁଇଟି ବିଷୟର ଧ୍ୟାନ ଦେଆପିବା ଆବଶ୍ୟକ, ଯଥା—ପ୍ରଥମତଃ ସହରମାନଙ୍କୁ ବହୁ ସଂଖ୍ୟାରେ ଆସୁଥିବା କୁଷ୍ଠରୋଗୀ ଏବଂ ଦ୍ୱିତୀୟତଃ ରାଜ୍ୟରେ ଥିବା ଡଣବର୍ଷରୁ ଉର୍ଦ୍ଧ୍ୱ ବୟସ୍କର ପ୍ରାପ୍ତ ୧୩ ହଜାର ଶାସ୍ତ୍ରୀୟ ଅପମର୍ଥ ଶିଶୁ ।

OGP—MP-II [Home (P. R.)] 15—10,000—22-6-1967

ଉତ୍କଳ ପ୍ରସଙ୍ଗ

୨୩ଶ ଭାଗ | ଜୁନ୍ ୧୯୬୭ / ଜ୍ୟେଷ୍ଠ ୧୮୮୯ | ୧୧ଶ ସଂଖ୍ୟା

ବିଷୟ ସୂଚୀ

		ପୃଷ୍ଠା
୧ ।	ଓଡ଼ିଶାର ନୂତନ ସରକାର ଗଣ-ସ୍ୱରୂପ ଗ୍ରହଣ କରିଥିବା ୨୨ ଦଫା ସମ୍ବନ୍ଧରେ ସାଧାରଣ କାର୍ଯ୍ୟକ୍ରମ ।	୧
୨ ।	ଓଡ଼ିଶାର ଶିଳ୍ପ ସମ୍ଭାବନା ..	୩
୩ ।	ଓଡ଼ିଶାର ଖଣିଜ ସମ୍ପଦ ..	୨୧
୪ ।	ଓଡ଼ିଶାର ହସ୍ତଶିଳ୍ প ପାଇଁ କାଞ୍ଚନ୍ ପୁରସ୍କାର ।	୩୩
୫ ।	ଖାଦ୍ୟ ପରିସ୍ଥିତି ..	୩୯
୬ ।	ଓଡ଼ିଶାରେ ଶାସ୍ତ୍ରୀୟ ଅସମର୍ଥ ଲୋକ ।	୪୧
୭ ।	ଆମ ପ୍ରକାଶ ..	୪୩

ଓଡ଼ିଶା ସରକାରଙ୍କ ବିଭିନ୍ନ ବାର୍ତ୍ତାବିଭାଗ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ କାରବାର ବିଷୟରେ ସଂପୃକ୍ତ ବିଭାଗ 'ଉତ୍କଳ ପ୍ରସଙ୍ଗ'ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ଗୁରୁତ୍ୱ ସଂପୃକ୍ତ ସାମ୍ବାଦିକଙ୍କ ଦ୍ୱାରା ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ଯେକୌଣସି ସଂପର୍କୀୟ ଓ ଅନୁରୋଚିତ ମତାମତ ବୋଲି ଗ୍ରହଣ କରାଯାଇପାରେ ।

ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସୂଚନା (ଲେଖାଯୋଖ) ବିଭାଗ ଦ୍ୱାରା ପ୍ରକାଶ ପାଉଥିବାରୁ ଏହି ସମ୍ବାଦରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ପ୍ରକାଶନ—ପ୍ରତ୍ୟେକ ମାସର ୨୫ ତାରିଖ

ଅସ୍ଥାୟୀ ସଂପାଦକ—ଶ୍ରୀ ବିଶ୍ୱଜିତ୍ ଦାସ୍,
ଇନ୍‌ଫର୍‌ମେସନ୍ ଅଫିସର

ମୂଲ୍ୟ—ବାର୍ଷିକ ୫ ୬.୦୦ ପ୍ରତି ସଂଖ୍ୟା ୫୦ ନଏ ପଇସା

ପ୍ରକାଶକ—ସୂଚନା (ଲେଖାଯୋଖ) ବିଭାଗ, ଓଡ଼ିଶା
ଷ୍ଟେଲ୍‌ପ୍ଲାନ୍—୫୦ ପ୍ରିଣ୍ଟ